ସକାଳ THE SAKALA



ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମାରଣ ନୀତିର ପ୍ରତିବାଦ

# ଜିଲ୍ଲାପାଳ ଅଫିସ୍ ଘେରିଲେ ହଜାର ହଜାର ମହିଳା

ଯାଜପୁର, ୩୦।୧(ସମିସ)



ରାଜ୍ୟରେ ମହିଳାଙ୍କୁ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ କରାଯାଇଥିଲା। ଆର୍ଥିକ ଓ ସାମାଜିକ ସ୍ୱାବଲମ୍ବୀ କରି ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇଥିଲେ ମଧ୍ୟ ନୂତନ ସରକାର ଆସିବା ପରେ ସେହି ମିଶନ ଶକ୍ତିକୁ ଦମନ କରିବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ମିଶନ ଶକ୍ତି କାର୍ଯ୍ୟକାରୀ କମିଟି ପୁନଃଗଠନ ଆଳ କରି ଏହାକୁ ଭାଙ୍ଗି ଦେବାକୁ ସରକାର ଚକ୍ରାନ୍ତ କରୁଥିବା ଅଭିଯୋଗ କରି ଆଜି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ହଜାର ହଜାର ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କୁ ଚେତାବନୀ ଜଣାଇଛନ୍ତି।

ମିଶନ ଶକ୍ତି ସଦସ୍ୟା ଅଳ୍ପ କିଛି ବେତନ ପାଇ ଅହରହ କାମ କରୁଥିବାବେଳେ ସେହି କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ପରିବର୍ତ୍ତେ ସେମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ତେଣୁ କାର୍ଯ୍ୟକାରୀ କମିଟି(ଇସି) ସଦସ୍ୟାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଭାରତୀୟ ଶ୍ରମ ସମ୍ମିଳନୀ ପ୍ରସ୍ତାବ ମୁତାବକ ମଜୁରି ପ୍ରଦାନ, କାର୍ଯ୍ୟକାରୀ ସଦସ୍ୟାଙ୍କୁ କୁଶଳୀ ଶ୍ରମିକ ହାରରେ ଦରମା ପ୍ରଦାନ, ଜିପିଏଲଏଫ ଓ ଇସି ମୁଣ୍ଡପିଛା ହାରରେ ଭତ୍ତା ପ୍ରଦାନ, ସହରାଞ୍ଚଳରେ କାର୍ଯ୍ୟରତ ଇସିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ଆଦି ବିଭିନ୍ନ ଦାବିରେ ଜିଲ୍ଲାପାଳ ଅଫିସ ଘେରଉ କରାଯାଇଥିଲା।

ସକାଳୁ ମହିଳାମାନେ ଯାଜପୁର ସହରରେ ପହଞ୍ଚି ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ରାଜ୍ୟ ସରକାର ବିରୋଧୀ ସ୍ଲୋଗାନ ଦେଇ ତୁରନ୍ତ ଦାବିଗୁଡ଼ିକୁ ପୂରଣ କରିବା ପାଇଁ ଦାବି କରିଥିଲେ। ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ହଜାର ହଜାର ମହିଳା ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ସେମାଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ସମାବେଶରେ ଉତ୍କଳିକା ଦାସ, ମନୋରମା ଓଝା, ପ୍ରମିଳା ଜେନା, ଜ୍ୟୋତ୍ସ୍ନାରାଣୀ ନାଥଶର୍ମା ପ୍ରମୁଖ ନେତୃତ୍ୱ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଯାଜପୁରର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ମହିଳାଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାଜପୁର ଟାଉନ ଥାନା ପକ୍ଷରୁ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଥିଲା।

ଓଲଟିଲା ମାଛ ବୋଝେଇ ପିକ୍‌ଅପ୍

## ଚାଳକ ଓ ବେପାରୀ ଆହତ

**ପାଣିକୋଇଲି, ୩୦।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଭୋର ସମୟରେ ଏକ ମାଛ ବୋଝେଇ ପିକଅପ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକ ଓ ବେପାରୀ ଆହତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜମ୍ବୁରୁ ମାଛ ବୋଝେଇ କରି ଏକ ପିକଅପ କୋଲକାତା ଦଳଦିଆ ଅଭିମୁଖେ ଯାଉଥିଲା। ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଆଗଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ଚାଳକ ରାଜେଶ ମାନା ଓ ବେପାରୀ ବନ ମାଇତି ଆହତ ହୋଇଥିଲେ। ଘଟଣାସ୍ଥଳରେ ରାଜପଥ ପୋଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିବାବେଳେ ଅନ୍ୟଏକ ଗାଡ଼ିରେ ମାଛକୁ ସ୍ଥାନାନ୍ତର କରିଛନ୍ତି।

ବିଏସ୍‌ଏନ୍‌ଏଲ୍‌ର କେବୁଲ୍ ବିଛା

## ଠିକାଦାରଙ୍କ ଖେଳ, ଲୋକଙ୍କ ପାଇଁ କାଳ

**ଟମକା, ୩୦।୧(ସମିସ):** ଭାରତୀୟ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ପକ୍ଷରୁ ଡୁବୁରୀରୁ ବ୍ରାହ୍ମଣୀପାଳ ପର୍ଯ୍ୟନ୍ତ ଜଣେ ଠିକାଦାର ମାଟିତଳେ କେବୁଲ ବିଛା କାମ କରୁଛନ୍ତି। କିଛି ନିର୍ଦ୍ଦିଷ୍ଟ ଦୂରତାରେ ଗାତ ଖୋଳି ସିମେଣ୍ଟ କୁଣ୍ଡରେ ତାର ସଂଯୋଗୀକରଣ କରି ଖୋଲା ଛାଡ଼ିଦେଇଛନ୍ତି। ଫଳରେ ଗାଈଗୋରୁ, ମଣିଷ ପ୍ରତି ବିପଦ ସୃଷ୍ଟି କରୁଛି। କୌଣସି ଘେରାବନ୍ଦୀ ନାହିଁ କି ନାଲି ଫିତାଦେଇ ନ ଥିବାରୁ ବେଶୀ ବିପଦ ସୃଷ୍ଟି କରୁଛି। ଟମକା ଛକ ବସ୍‌ଷ୍ଟପ ପାଖରେ ଥିବା ଏକ ଗର୍ତ୍ତ ସମ୍ପୂର୍ଣ୍ଣ ଘୋଡ଼ାଇ ନ ଥିବାରୁ ଜନସାଧାରଣ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଡୁବୁରୀ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଏମିତି ଦୀର୍ଘଦିନ ହେବ ଖୋଲାପଡ଼ିଛି। ଠିକାଦାରଙ୍କ ଖାମଖିଆଲ ମନୋଭାବ ପାଇଁ ଏମିତି ବିପଦଜନକ ଅବସ୍ଥାରେ ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଡ଼ଚଣା, ୩୦।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସରକାରୀ ଉଚ୍ଚବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଶିବିରକୁ ବଡ଼ଚଣା ବିଧାୟକ ଅମର ନାୟକ ଉଦ୍‌ଘାଟନ କରି ଦିବ୍ୟାଙ୍ଗମାନେ କାହା ଉପରେ ନିର୍ଭର ନ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ରାଜ୍ୟ ସରକାର ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହିତ ସମସ୍ତ ସହାୟତା ଯୋଗାଇ ଦେବାକୁ ଉପସ୍ଥିତ ବ୍ଲକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ବଡ଼ଚଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ବଡଚଣା ଥାନା ଅଧିକାରୀ ଅସିତ ବଳବନ୍ତରାୟ, ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଶାରୀରିକ, ଅସ୍ଥିଶଲ୍ୟ, ମାନସିକ, ଶ୍ରବଣବାଧିତ, ଦୃଷ୍ଟିବାଧିତ ବିଭାଗରେ ୬୪୨ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକୃତ କରିଥିଲେ। ୧୩ ଜଣଙ୍କୁ ହ୍ୱିଲରଚେୟାର, ୬ ଜଣଙ୍କୁ ଟ୍ରାଇସାଇକଲ ୪୦ ଜଣଙ୍କୁ ବସ ପାସ୍, ୪ ଜଣଙ୍କୁ ଜିଆର୍‌ଆଇ ଲୋନ୍ ପ୍ରଦାନ କରଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନବ ଜେନା ଶିବିର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ଠିକାଦାରଙ୍କ ଅନିୟମିତତା

# ପୁରୁଣା ଚାଷୀବନ୍ଧରୁ ମାଟି ନେବାକୁ ଗ୍ରାମବାସୀଙ୍କ ବିରୋଧ



**ପ୍ରୀତିପୁର, ୩୦।୧(ସମିସ):** ବିଞ୍ଝାରପୁର ବ୍ଲକରେ କ୍ଷୁଦ୍ର ଜଳସେଚନ ବିଭାଗ (ଏଆଇ) ପକ୍ଷରୁ ନିଯୁକ୍ତ ଠିକାଦାର ବିଭିନ୍ନ ପ୍ରକଳ୍ପରେ ଅନିୟମିତତା କରୁଥିବାବେଳେ ଚାଷୀ ଓ ସମ୍ପୃକ୍ତ ଅଞ୍ଚଳର ଲୋକେ ବିରୋଧ କରୁଛନ୍ତି। ବିଭିନ୍ନ ସମୟରେ କରାଯାଉଥିବା ଅଭିଯୋଗକୁ ଚାପି ଦେଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣାକୁ ବିରୋଧ କରି କାମ ବନ୍ଦ କରାଯାଇଥିବା ଜଣାଯାଇଛି।

ବିଞ୍ଝାରପୁର ବ୍ଲକର ବରପଦା ପଞ୍ଚାୟତ ଅନ୍ତର୍ଗତ ଚିଲପଡ଼ିଆ ନିକଟବର୍ତ୍ତୀ ନାଉଆପୋଲ ନିକଟରେ ଏକ ପ୍ରକଳ୍ପ କରାଯାଉଛି। ଏହି ପ୍ରକଳ୍ପର ଅଟକଳ ୧୭ ଲକ୍ଷ ରହିଛି। ତେବେ ଠିକାଦାର ଏନେଇ କୌଣସି ଫଳକ ଲଗାଇନାହାନ୍ତି। ଏହି ପ୍ରକଳ୍ପର ଅଟକଳରେ ମାଟିକାମ ପାଇଁ ଦୁଇଲକ୍ଷ ଟଙ୍କା ରହିଥିବା ଅଭିଯୋଗକାରୀ କହିଛନ୍ତି। ଠିକାଦାର ବାହାରୁ ମାଟି ଆଣି ପ୍ରକଳ୍ପରେ ଲଗାଇବା କଥା। ମାତ୍ର ଠିକାଦାର ଠିକାଦାର ୧୦/୨୦ ହଜାର ଟଙ୍କା ମଧ୍ୟରେ ମାଟିକାମ ସାରିଦେଇ ମୁନାଫା କମାଇବା ଲକ୍ଷ୍ୟରେ ସେଠାରେ ଥିବା ପୁରୁଣା ଚାଷୀବନ୍ଧକୁ ମେସିନ ଲଗାଇ ତାଡିବା ସହିତ ସେହି ମାଟିକୁ ପ୍ରକଳ୍ପରେ ବ୍ୟବହାର କରିବାର ମସୁଧା କରିଥିଲେ। ସ୍ଥାନୀୟ ଲୋକେ ଚାଷୀବନ୍ଧକୁ କଟାଯାଉଥିବା ଦେଖି ବିରୋଧ କରିଥିଲେ। କାମ ବନ୍ଦ କରିବା ସହ କ୍ଷୁଦ୍ର ଜଳସେଚନ ବିଭାଗ (ମାଇନର ଇରିଗେସନ) ଜେଇ ଓ ଏସଡିଓଙ୍କ ସହିତ ଯୋଗାଯୋଗ କରିଥିଲେ। ସ୍ଥାନୀୟଅଧିବାସୀ ନିରୋଦ ମଲିକ, ବସନ୍ତ ସାମଲ ପ୍ରମୁଖଙ୍କ କହିବା ଅନୁଯାୟୀ ଏମଆଇ ଦ୍ୱାରା ଅତୀତରେ କରାଯାଇଥିବା ପ୍ରକଳ୍ପରେ ବ୍ୟାପକ ଅର୍ଥ ବାଟମାରଣା କରାଯାଇଛି। ମାଟି ଚାଞ୍ଚି ଲକ୍ଷଲକ୍ଷ ଟଙ୍କା ବିଲ କରିନିଆଯାଇଛି। ସମସ୍ତ ଅନିୟମିତତା ସମ୍ପର୍କରେ ବିଭାଗୀୟ ଜେଇଙ୍କଠାରୁ ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅବଗତ ଥିଲେ ମଧ୍ୟ ଠିକାଦର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥ ଚଳୁ ହେଉଛି। ତେବେ ଏହି ପ୍ରକଳ୍ପ କାମ ହାତକୁ ନେଇଥିବା ଠିକାଦାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଡିସ୍‌ପ୍ଲେ ବୋର୍ଡ ନ ଲଗାଇବା, ନିର୍ମାଣ ହୋଇଥିବା ପୁରୁଣା ଚାଷୀବନ୍ଧକୁ କାଟି ମାଟି ବୋହିନେନା ଓ ପ୍ରକଳ୍ପରେ ନାନାଦି ଅନିୟମିତତା କରିବା ସମ୍ପର୍କରେ ବିଭାଗୀୟ ଜେଇ ମଧୁସ୍ମିତା ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣା ସମ୍ପର୍କିତ ଅଭିଯୋଗ ସେ ପାଇଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରିବା ପାଇଁ ସେ ଖୁବ୍‌ଶୀଘ୍ର ଯିବେ ଓ ଅଭିଯୋଗର ତଦନ୍ତ କରିବେ।

# ବିଏସ୍ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ବଡ଼ଚଣା, ୩୦।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସଂସଦ ଉପଦେଷ୍ଟା ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ାରେ +୨ ଓ +୩ ବର୍ଷର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବଡଚଣା ଥାନା ଅଧିକାରୀ ଅସିତ ବଳବନ୍ତରାୟ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ମାହାଲା ମହାବିଦ୍ୟାଳୟର ଗୌରବରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମ୍ମିଳିତ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ଅହମ୍ମଦନଗର ୟୁଥ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର




**ବ୍ୟାସନଗର, ୩୦।୧(ସମିସ):** ଅହମ୍ମଦନଗର ୟୁଥ୍ କ୍ଲବ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅହମ୍ମଦନଗର ୟୁଥ କ୍ଲବ ଓ ଏସକେଏସ ଫାଉଣ୍ଡେସନ ସହଭାଗିତାରେ ଅହମ୍ମଦନଗରସ୍ଥ ସ୍କାଏ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ ଜମିଆତ ଉଲ୍ଲାର ସାଧାରଣ ସମ୍ପାଦକ ମୌଲାନା ଆକ୍ରମ ତକି, ସମ୍ମାନୀତ ଅତିଥି ଭାବେ ଟାଟା ଷ୍ଟିଲର ପ୍ରକଳ୍ପ ମୁଖ୍ୟ ପରିମଳ ବଂଶଲ, ମୌଲାନା କଲିମୁଦ୍ଦିନ ହବିବ, ବ୍ୟାସନଗର ପୌର ପରିଷଦର ପୂର୍ବତନ ଅଧକ୍ଷା ସବିତା ରାଉତ, ବର୍ତ୍ତମାନର ଅଧକ୍ଷା ସଙ୍ଗୀତା ପିଙ୍ଗୁଆ, ଏସକେଏସ ଫାଉଣ୍ଡେସନର ପ୍ରତିଷ୍ଠାତା ଏସକେ ସଲାଉଦ୍ଦିନ, ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ବିଶ୍ୱନାଥ ସେଠୀ, ଅହମ୍ମଦନଗର ୟୁଥ କ୍ଲବ୍ ଅଧକ୍ଷ ଏସକେ ସର୍ଫରାଜ ନୱାଜ, ସମ୍ପାଦକ ନିଆଜୁଦ୍ଦିନ ଖାନ, ଏସକେ ମୋକାଦର, ଏସକେ ଜାହିଦ, ମୋଦାସର ବଦର, ମୋତଲବ ଅଲ୍ଲୀ, ମୋକିମ ଅଲିତ ଖାନ, ଖଲିଦ ମଦାନୀ, ଆରିଫ ଇକବାଲ, ଏସକେ ଅସଜାଦ, ଅନିଶ ଅହମ୍ମଦ ଓ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ



**ଷଠିପୁର, ୩୦।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଛି।୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟ ରଜତ ଜୟନ୍ତୀ ପାଳନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସନ୍ଧ୍ୟା ବିଦ୍ୟାଳୟର ସଭାପତି ବୃନ୍ଦାବନ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୁତିନ୍ୟାସ ବେଦଧାମ କଟକର ଅଧ୍ୟକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ଚୈତନ୍ୟ ଆଶ୍ରମ ଓ ଅମୃତ ଦର୍ଶନ ପତ୍ରିକା ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ସଭାପତି କିଶୋର ମହାନ୍ତି, ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବିଷ୍ଣୁଚରଣ ଧଳ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ଦିଲ୍ଲୀପ ଧଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର, ସମ୍ଭାଗ ସଂଯୋଜକ ତୁଷାର ଦାଶ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ପ୍ରଧାନ, ଭାଗୀରଥି ମହଲାଙ୍କ ସମେତ ବିଦ୍ୟାଳୟର ପ୍ରତିଷ୍ଠାତା, ପୂର୍ବତନ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ହାତ ବାନ୍ଧି ବସିଛି ଖଣି ବିଭାଗ

# ଜଙ୍ଗଲ ଜମିରୁ ଲୁଟ୍ ହେଉଛି ମୋରମ୍



**ଜେନାପୁର, ୩୦।୧(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ମୌଜାରେ ଥିବା ଜଙ୍ଗଲ ଜମିରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ୍ ମୋରମ ଚୋରା ଚାଲାଣ କରାଯାଉଛି। ଧର୍ମଶାଳା ତହସିଲ ଅନ୍ତର୍ଗତ ୧୧ନଂ ଜିଲ୍ଲା ପରିଷଦ ଜୋନର ଅନେକ ସ୍ଥାନରୁ ଆଜକୁ ଏକ ମାସ ଧରି ମୋରମ ଉଠାଇ ଆସୁଛନ୍ତି। ମୋରମ ଉତ୍ତୋଳନ ପାଇଁ ନିଲାମ ହୋଇନି। ମୋରମ ମାଫିଆ କୋଟି କୋଟି ଟଙ୍କାର ମୋରମ ଉଠାଇ ବିକ୍ରି କରିବା ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ସରକାର ରାଜସ୍ୱ ପାଆନ୍ତୁ ଅବା ନ ପାଆନ୍ତୁ ସେଥିପ୍ରତି କାହାର ଗୁରୁତ୍ୱ ନାହିଁ। ଏହାର ସୁରକ୍ଷା ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଲୋକେ ଖଣି ବିଭାଗର ଦୃଷ୍ଟି ଆକର୍ଷଣ କରିବା ପରେ ମଧ ବିଭାଗ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେବେ କାହା ଚାପରେ ଏଭଳି କରି ପ୍ରଶାସନ ମାଫିଆଙ୍କୁ ସୁରକ୍ଷା ଦେଉଛି, କାହା ଚାପରେ ପ୍ରଶାସନ ପରୋକ୍ଷରେ ଖଣି ଚୋରିକୁ ପ୍ରୋତ୍ସାହିତ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ବିଛାଖଣ୍ଡି ବେଆଇନ ମାଙ୍କଡ଼ା ଖାଦାନ ପାଖରୁ ଦୈନିକ ରାତିରେ ଶତାଧିକ ହାଇୱା ମୋରମ ଚୋରି ହେଉଛି। ଏହାର ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଘୁରି ବୁଲୁଛି। ଏସବୁ ସତ୍ତ୍ୱେ ଚୋରି ଜାରି ରହିଛି। ଖଣି ଚୋରି ରୋକିବାକୁ ଏନଫୋର୍ସମେଣ୍ଟ ଟିମ୍ ଗଠନ ହେଲା। ତେବେ ଟିମ ଏବେ ସୁଦ୍ଧା ଖଣି ଚୋରି ରୋକିବାକୁ କି ପଦକ୍ଷେପ ଗ୍ରହଣ କରିଛି, ତାହା ଲୋକେ ଜାଣିପାରିଲେ ନାହିଁ। କୁମ୍ଭକର୍ଣ୍ଣ ନିଦ୍ରାରେ ଏନଫୋର୍ସମେଣ୍ଟ ଟିମ। ଏ ସମ୍ପର୍କରେ ଖଣି ବିଭାଗ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

**କୁଦ୍ଦଳ, ୩୦।୧(ସମିସ):** ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାରରେ ଥିବା ଲକ୍ଷ୍ମୀ ମଣ୍ଡପରେ ବାଲିଚନ୍ଦ୍ରପୁର ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ନେଇ ଏକ ବୈଠକ ହେବା ସହ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ସମ୍ମତିକ୍ରମେ ଅବସରପ୍ରାପ୍ତ ଅଧକ୍ଷ ରବୀନ୍ଦ୍ର ସାମଲଙ୍କୁ ସଭାପତି ରୂପେ ମନୋନୀତ କରାଯିବା ପରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପଣ୍ଡାଙ୍କୁ ଉପସଭାପତି, ବିଷ୍ଣୁଚରଣ ମୁଦୁଲିଙ୍କୁ ସମ୍ପାଦକ ଓ ଶରତ ଚନ୍ଦ୍ର ଦାସଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବେ ରବୀନ୍ଦ୍ରନାଥ ଶାନ୍ତି, ନେତ୍ରାନନ୍ଦ ସିଂହ, ଦୁଃଶାସନ ସାହୁ, ନଟବର ସାମଲ, ବିଧାନ ଚନ୍ଦ୍ର ସାମଲ, ଉପେନ୍ଦ୍ରନାଥ ସ୍ୱାଇଁ, ନାରାୟଣ ପ୍ରସାଦ ପରିଡ଼ା, ଗଦାଧର ଦାସ, ଶ୍ୟାମସୁନ୍ଦର ଦାସ, ଉପେନ୍ଦ୍ରନାଥ ସାମନ୍ତରାୟ, ନଟବର ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପରିଡ଼ା, ନିରଞ୍ଜନ ଜେନା, ଭରତ ଜେନା, ବିଳାସ ବାରିକ, ଶିଶିର ବଳ, ଚନ୍ଦ୍ରଶେଖର ରାଉତ, ଧ୍ରୁବଚରଣ ସେଠୀ, ନୃସିଂହ ବାରିକ ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ। ପ୍ରଦୀପ୍ତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷପତି ଦିଦି ତାଲିମ ଶିବିର

**କୟାଁଗୋଲା/ଦଶରଥପୁର, ୩୦।୧(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଆଞ୍ଚଳିକ ମଞ୍ଚର ଦୁଇଦିନିଆ ଲକ୍ଷପତି ଦିଦି ତାଲିମ ଶିବିର ଆୟୋଜିତ ହୋଇଯାଇଛି। ସିଆରପି ଜୟଶ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ୨ ଶହରୁ ଅଧିକ ମହିଳା ଯୋଗଦେଇଥିଲେ। କୁକୁଡ଼ା ଚାଷ, ମାଛ ଚାଷ, ପରିବା ଚାଷ, ଗୋପାଳନ, ଛତୁ ଚାଷ, ଛତୁ ମଞ୍ଜି ଉତ୍ପାଦନ ଆଦି ନେଇ ମହିଳାଙ୍କୁ ତାଲିମ ଦିଆଯାଇଥିଲା। ସୁଚିତ୍ରା ପଣ୍ଡା, ଆରତୀ ମଲିକ, ଜ୍ୟୋସ୍ନାରାଣୀ ସେନାପତି, ମମତା ପଣ୍ଡା, ରଞ୍ଜୁଲତା ଦାସ, ଦମୟନ୍ତୀ ପଣ୍ଡା, ଝରଣା ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ବାଲି ଉତ୍ତୋଳନ କରୁଛି ଠିକାସଂସ୍ଥା

# ବିପଦରେ ବ୍ରାହ୍ମଣୀ ବ୍ରିଜ୍; କାର୍ଯ୍ୟାନୁଷ୍ଠାନ ଦାବି

**କବାଟବନ୍ଧ, ୩୦।୧(ସମିସ):** ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଉପରେ କବାଟବନ୍ଧ ନିକଟରେ ଥିବା ବ୍ରାହ୍ମଣୀ ବ୍ରିଜ୍ ପ୍ରତି ବିପଦ ରହିଛି। ଜାତୀୟ ରାଜପଥ ନିର୍ମାଣକାରୀ ଠିକା ସଂସ୍ଥା ବେଆଇନ ଭାବେ ଉକ୍ତ ବ୍ରିଜ୍ ତଳୁ ବାଲି ତାଡ଼ି ନେଇ ବିଭିନ୍ନ କାମରେ ଲଗାଉଛି। ଫଳରେ ବ୍ରିଜ୍ ଦୁର୍ବଳ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିଛିଦିନ ବ୍ୟବଧାନରେ ବାରମ୍ବାର ଠିକା ସଂସ୍ଥା ଏଭଳି ବେଆଇନ ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ପରିବହନ କରିବା ଅଭିଯୋଗ ହେଉଥିଲେ ମଧ୍ୟ ଲଘୁ ଖଣିଜ ସମ୍ପଦ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ସଚେତନ ହେଉନାହାଁନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହସ ସଞ୍ଚୟ କରିପାରୁନାହାଁନ୍ତି ଉଭୟ ବିଭାଗ ଅଧିକାରୀ। ତେବେ ଠିକା ସଂସ୍ଥା ସହ ବିଭାଗୀୟ ଅଧିକାରୀଙ୍କ ଉତ୍ତମ ବୁଝାବଣା ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ବନ୍ଧରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।




## ସାଧାରଣତନ୍ତ୍ର ଦିବସ ପାଳିତ

ପ୍ରୀତିପୁର, ୩୦।୧(ସମିସ): ବିଂଝାରପୁର ପଞ୍ଚାୟତ ଓ କଏଣା-ରଘୁନାଥପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜନରାଜ୍ୟ ଦିବସ ପାଳନ କରାଯିବା ସହିତ ଆଲୋଚନାଚକ୍ର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଆନନ୍ଦମୟୀ ଶିଶୁ ନିକେତନର ଜାତୀୟ ପତାକାକୁ ପରିଚାଳନା କମିଟିର ସଭାପତି ହରେକୃଷ୍ଣ ପଣ୍ଡା ଉତ୍ତୋଳନ କରିଥିଲେ। ଅଧକ୍ଷ ଅକ୍ଷୟ ଦାସ ଉପସ୍ଥିତ ଥିଲେ। ଭଗବତୀ ନର୍ସିଂ କଲେଜରେ ପରିଚାଳନା କମିଟି ନିର୍ଦ୍ଦେଶିକା ମାଳତୀଲତା ମିଶ୍ର ପତାକା ଉତ୍ତୋଳନ କରିଥିବାବେଳେ ଅଧକ୍ଷ ଡାକ୍ତର ରଞ୍ଜନ ମିଶ୍ର, ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଭାଗ୍ୟଶ୍ରୀ ପଣ୍ଡା, ସୀତା ପାଇତାଲ, ନମିତା ସାହୁ, ଶର୍ମିଷ୍ଠା ସାହୁ, ଚିନ୍ମୟୀ ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ନବଜାତ ଶିଶୁର ମୃତ୍ୟୁ ଅଭିଯୋଗ

# ସନ୍ ଡାଇଗ୍ନୋଷ୍ଟିକ୍ସ ସେଣ୍ଟରରେ ଉତ୍ତେଜନା

ଯାଜପୁର, ୩୦।୧(ସମିସ)




ତ୍ରୁଟିପୂର୍ଣ୍ଣ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁଁ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ କରି ରକ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖିବାକୁ ମିଳିଛି। ଏହି ଘଟଣାକୁ କେନ୍ଦ୍ର କରି ପରିବାର ଓ ସମ୍ପର୍କୀୟ ପରିକ୍ଷା କେନ୍ଦ୍ରରେ ହୋ-ହାଲ୍ଲା କରିବା ସହ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଦଶରଥପୁର ବ୍ଲକ ମେରଦା ଅଞ୍ଚଳର ରିଜୱାନା ପରବିନ ନାମକ ମହିଳା ପ୍ରସବ ପୂର୍ବରୁ ସନ ଡାଇଗ୍ନୋଷ୍ଟିକ୍ସ ସେଣ୍ଟରକୁ ଯାଇ ସେଠାରେ ଅଲଟ୍ରାସାଉଣ୍ଡ କରାଇଥିଲେ। ମାତ୍ର ଏହି ରିପୋର୍ଟରେ ପ୍ରସୂତୀ ମହିଳା ଓ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ଡାକ୍ତରଙ୍କ ପାଖକୁ ଯିବା ପରେ ଶିଶୁର ହୃତ୍‌ପିଣ୍ଡ ସ୍ପନ୍ଦନ ହେଉ ନ ଥିବା ଓ ପ୍ରସୂତୀ ମହିଳାଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତର କହିଥିଲେ। ଏଥିସହ ଡାକ୍ତର ତୁରନ୍ତ ଅସ୍ତ୍ରୋପଚାର କରାଇବାକୁ ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର କରିବା ପରେ ନବଜାତ ଶିଶୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ସମ୍ପୃକ୍ତ ଡାଇଗ୍ନୋଷ୍ଟିକ୍ସ ସେଣ୍ଟରର ଭୁଲ ରିପୋର୍ଟ ପ୍ରଦାନ ଯୋଗୁଁ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ କରି ଆଜି ଅପରାହ୍ନରେ ପରିବାର ଓ ସମ୍ପର୍କୀୟ ଆସି ଡାଇଗ୍ନୋଷ୍ଟିକ୍ସ କେନ୍ଦ୍ରରେ ପହଞ୍ଚି ହୋ-ହାଲ୍ଲା କରିଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟ କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ କେନ୍ଦ୍ରକୁ ସିଲ୍ କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେପଟେ ପ୍ରସୂତୀ ଜଣକ ଏବେ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଇଛି। ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ପକ୍ଷରୁ ଯାଜପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ସେପଟେ ରୋଗୀଙ୍କ ରିପୋର୍ଟ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ସହିତ ମେସିନ ଓ କମ୍ପ୍ୟୁଟର ଆଦି ଯାଞ୍ଚ କରୁଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ପୁଲିସର ବୁଝାସୁଝା ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳିବା ପରେ ଲୋକମାନେ ଧାରଣାରୁ ଓହରିଥିଲେ। ଅନ୍ୟପକ୍ଷରେ ସମସ୍ତ ଅଭିଯୋଗକୁ ଡାଇଗ୍ନୋଷ୍ଟିକ୍ସ ସେଣ୍ଟର ପକ୍ଷରୁ ଖଣ୍ଡନ କରାଯାଇଛି।

## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ବ୍ୟାସନଗର, ୩୦।୧(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ଏକ ବାଇକ୍ ଚୋରି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଧବଳଗିରି ରାମଦାସ କଲୋନୀରେ ଭଡ଼ାରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ମାଣିକପୁର ଅଞ୍ଚଳର ଶଶୀକାନ୍ତ ଦାସ ୨୫ ତାରିଖ ଅପରାହ୍ନ ୫.୩୦ ସମୟରେ ଘର ସମ୍ମୁଖରେ ବାଇକ୍ ରଖିଥିବାବେଳେ କେହି ଏହାକୁ ଚୋରି କରିନେଇଥିଲା। ଘର ମାଲିକ ସନ୍ତୋଷ ବିଶ୍ୱାଳ ୨୮ ତାରିଖରେ ଅଭିଯୋଗ କରିଥିଲେ। ଗୁରୁବାର ସକାଳେ ଆଦର୍ଶ ଥାନା ପୁଲିସ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଲୁଣିଆପାଟଣା ଗ୍ରାମର ଶିଶିର କୁମାର ନାଥଙ୍କ ଘରେ ଚଢ଼ଉ କରି ଶିଶିରକୁ ଗିରଫ କରିବା ସହ ବାଇକ୍ ଉଦ୍ଧାର କରିଥିଲା।

## ଗୁରୁତର ସାମ୍ବାଦିକଙ୍କୁ ଭେଟିଲେ ବିଧାୟିକା



**ଦଶରଥପୁର, ୩୦।୧(ସମିସ):** ଦଶରଥପୁର ବ୍ଲକର ଯୁବ ସାମ୍ବାଦିକ ସବ୍ୟସାଚୀ ଦାସ ଯାଜପୁର ଟାଉନରୁ କନିକାପଡ଼ା ପଞ୍ଚାୟତ ନାଗାପାଟଣାସ୍ଥ ତାଙ୍କ ବାସଭବନକୁ ବାଇକ୍‌ରେ ଫେରୁଥିବାବେଳେ କନିକାପଡ଼ା ଛକରେ ଅଟକି କଥା ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳର ବିଜେପି ସମର୍ଥକ ପ୍ରମୋଦ ପୁହାଣ ହଠାତ୍ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ ଗୁରୁତର ଆହତ ସବ୍ୟସାଚୀଙ୍କୁ ତାଙ୍କ ବାସଭବନରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କ ସୁସ୍ଥତା କାମନା କରି ଅଭିଯୁକ୍ତର ଗିରଫ ଦାବି କରିଛନ୍ତି। ବିଧାୟିକା ଶ୍ରୀମତୀ ସାହୁଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ରାଉତ ମଧ୍ୟ ସବ୍ୟସାଚୀଙ୍କୁ ଭେଟିଥିଲେ।

### ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତା

## ଦିବ୍ୟାଙ୍ଗ ଜ୍ଞାନରଞ୍ଜନଙ୍କ ସ୍ୱର୍ଣ୍ଣପଦକ ହାସଲ

**ଯାଜପୁର, ୩୦।୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ନାନପୁର ଗ୍ରାମର ସ୍ୱର୍ଗତ ତ୍ରିଲୋଚନ ସାହୁଙ୍କ ଦିବ୍ୟାଙ୍ଗ ପୁତ୍ର ଜ୍ଞାନରଞ୍ଜନ ସାହୁ



୪୫ତମ ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୨୯ ତାରିଖରେ କଟକର ମାରୱାଡି କ୍ଲବ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଟକର ଶୁଭ୍ରଜିତ ପାଢ଼ୀଙ୍କୁ ହରାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏଥିସହ ଉତ୍ତରାଖଣ୍ଡରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଜିଲ୍ଲା ପାରା ସ୍ପୋର୍ଟ୍ସ ଆସୋସିଏସନ ସଭାପତି ମଣ୍ଟୁ ଦାସ ଅଭିନନ୍ଦନ ଜଣାଇଛନ୍ତି।

### କଳିଙ୍ଗନଗରରେ ବିସ୍ଥାପିତ-ଟାଟା ବିବାଦ

# ଆନ୍ଦୋଳନକାରୀଙ୍କୁ ବଳପୂର୍ବକ ଉଠାଇଦେଲା ଜିଲ୍ଲା ପ୍ରଶାସନ

**ଦାନଗଦି, ୩୦।୧(ସମିସ)**



ସ୍ଥାନୀୟ ଅଞ୍ଚଳର ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ତିନିଦିନ ଧରି କଳିଙ୍ଗନଗରରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିସ୍ଥିତି ଆଜି ସାମାନ୍ୟ ହୋଇଛି। ଟାଟା ଓ ନୀଳାଚଳ କାରଖାନା ସମ୍ମୁଖରେ ବିସ୍ଥାପିତଙ୍କ ପକ୍ଷରୁ ଚାଲିଥିବା ଧାରଣା ଯୋଗୁଁ କାରଖାନା ଭିତରକୁ କିମ୍ବା ବାହାରକୁ କର୍ମଚାରୀ ଯାତାୟାତ କରିପାରି ନ ଥିଲେ। ଆଜି ଟାଟା ପ୍ଲାଣ୍ଟର ୪ ନମ୍ବର୍ ଗେଟ୍ ଓ ନୀଳାଚଳ କାରଖାନା ଫାଟକ ନିକଟରୁ ଆନ୍ଦୋଳନକାରୀଙ୍କୁ ବଳପୂର୍ବକ ଉଠାଇ ଦେଇଥିଲା ଜିଲ୍ଲା ପ୍ରଶାସନ। ଟାଟା ଗେଟ୍ ସମ୍ମୁଖରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇ ପ୍ଲାଣ୍ଟ ଭିତରକୁ କର୍ମଚାରୀ ଓ ମାଲ୍ ପରିବହନ କରାଯାଇଥିଲା। ଏପରିକି ଘଟଣାସ୍ଥଳରେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ଉପସ୍ଥିତ ରହି ଏଭଳି ପଦକ୍ଷେପ ନେଇଥିଲେ। ସମଗ୍ର କଳିଙ୍ଗନଗରରେ ୧୦ ପ୍ଲାଟୁନରୁ ଅଧିକ ପୁଲିସ ମୁତୟନ ଅଛନ୍ତି।

ଅନ୍ୟପକ୍ଷରେ ପୁଲିସ ଓ ପ୍ରଶାସନର ବଳକୁ ସାମ୍ନା କରି ନ ପାରି ବିସ୍ଥାପିତ ପରିବାର ଲୋକେ ବୀରଭୂମିଠାରେ ଏକାଠି ହୋଇ ରଣନୀତି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ସେହିପରି ବିସ୍ଥାପିତ ପରିବାରର ଆଦିବାସୀ ନେତା ବାବୁଲି ହାଇବ୍ରୁ ଅପରାହ୍ନରେ ଅମ୍ବାଗାଡ଼ିଆଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଆଗକୁ ଆନ୍ଦୋଳନ ଜୋରଦାର କରାଯିବା ସହିତ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନ ପହଞ୍ଚିବ ବୋଲି ଚେତାବନୀ ଦେଇଛନ୍ତି। ଗତକାଲି ବିସ୍ଥାପିତ ପରିବାର ସଦସ୍ୟ ଗୋବରଘାଟୀର ଝରଣା ମହାନ୍ତ, ହୀରା ମୁଣ୍ଡା, ସୁମିତ୍ରା ଘୋଇ ଓ ଟୁଲି ମହାନ୍ତଙ୍କ ପକ୍ଷରୁ ଦିଆଯାଇଥିବା ଏତଲାକୁ

- **ସ୍ୱାଭାବିକ ହେଲା ଟାଟା ଓ ନୀଳାଚଳ କାରଖାନା**
- **ବୀରଭୂମିରେ ବିସ୍ଥାପିତଙ୍କ ମେଳି**
- **ପୁଣି ଆନ୍ଦୋଳନ ପାଇଁ ସଜବାଜ**

ଭିତ୍ତି କରି କଳିଙ୍ଗନଗର ପୁଲିସ ତିନିଜଣ ସୁରକ୍ଷା କର୍ମୀଙ୍କୁ ଅଟକ ରଖିବା ସହ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ତେଣୁ ଏଭଳି ବିବାଦର ସମାଧାନ କେବଳ ଆପୋଷ ସମାଧାନ ମାଧ୍ୟମରେ ହୋଇପାରୁ ନ ଥିବାରୁ ଏହା ଦିନକୁ ଦିନ ଜଟିଳ ରୂପ ଧାରଣ କରୁଛି। ଆଗାମୀ ଦିନରେ କଳିଙ୍ଗନଗର ପରିସ୍ଥିତି କେଉଁ ଆଡକୁ ଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

## ଅଭିଯୁକ୍ତ ଥାନାରେ ଅଟକ

**ବ୍ୟାସନଗର, ୩୦।୧(ସମିସ):** ଯାଜପୁରରୋଡ ଆଦର୍ଶ ଥାନା ଅର୍ନ୍ତଗତ ରସୁଲପୁର ବ୍ଲକ ପହଙ୍ଗା ପଞ୍ଚାୟତରେ ଜଣେ ନାବାଳିକାକୁ ଦୁଷ୍କର୍ମ ନେଇ ଥାନାରେ ଅଭିଯୋଗ ହୋଇଛି। ୨୧ ତାରିଖ ଦିନ ପ୍ରାୟ ୧୧.୩୦ଟା ସମୟରେ ନାବାଳିକା ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଚାଲୁଥିବାରୁ ସେ ସେଠାରେ ଖେଳୁଥିଲା। ସେହି ସମୟରେ ସେହି ଗ୍ରାମର ଜଣେ ଯୁବକ ତାକୁ ନିକଟସ୍ଥ ଏକ ଘରକୁ ଭିଡି ନେଇ ଦୁଷ୍କର୍ମ କରିଥିବା ନେଇ ବୁଧବାର ଯାଜପୁରରୋଡ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଯାଜପୁରରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବାବେଳେ ଯୁବକକୁ ଥାନାରେ ଅଟକ ରଖାଯାଇଥିବା ସୂଚନା ଦେଇଛନ୍ତି।

# ଓଲାଶୁଣୀ ମେଳାରେ ପ୍ରବଳ ଜନସମାଗମ



**ବାଲିଚନ୍ଦ୍ରପୁର, ୩୦।୧(ସମିସ):** ଓଲାଶୁଣୀ ଗୁମ୍ଫାଯାତ୍ରାର ଷଷ୍ଠ ଦିବସରେ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ଧର୍ମାନୁରାଗୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ମେଳାରେ ସ୍ଥାନୀୟ ମଠ ତଥା ଓଲାଶୁଣୀ ଉନ୍ନୟନ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଦର୍ଶନ, ମେଳା ପରିଚାଳନା ଓ ଶ୍ରଦ୍ଧାଳୁଙ୍କ ପରିଚର୍ଯ୍ୟା ପାଇଁ ପ୍ରତ୍ୟହ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ମହାପୁରୁଷଙ୍କ ବ୍ରହ୍ମଲୀନ ଦିବସ ପ୍ରତ୍ୟୁଷରୁ ମଠ ପକ୍ଷରୁ ପ୍ରସ୍ତୁତ ଅନ୍ନପ୍ରସାଦ ତିରିଶ ହଜାର ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଏଥିପାଇଁ ଦଶମୀ ରାତିରୁ ପ୍ରସାଦ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ରୋଷଘରୁ ମହାପୁରୁଷଙ୍କ ସମାଧି ମନ୍ଦିରକୁ ପ୍ରଥମ ନୈବେଦ୍ୟ ଥାଳି ଅର୍ପଣ କରାଯିବା ପରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓଲାଶୁଣୀ ମହନ୍ତ ନାମାନନ୍ଦ ଦାସଙ୍କ ସହିତ ବାବାଜୀ ରମାକାନ୍ତ ଦାସ, ବାବାଜୀ ଅଜୟ ଦାସ, ଦେବାଶିଷ ସିଂହ, ଦିଲ୍ଲୀପ ସାମଲ, ଅଶୋକ ସାମଲ, ଭାବଗ୍ରାହୀ ସାମଲ, ଅରକ୍ଷିତ ବେହେରା, ଜୟଦେବ ପରିଡ଼ା, ଶ୍ୟାମସୁନ୍ଦର ମହାରଣା, ବ୍ରଜକିଶୋର ମହାରଣା, ନିର୍ମଳ ମହାରଣା, ବାବୁ ପରିଡ଼ା, ରଥ ସାହୁ, ବିଭୂତି ସାମଲ, ଅତୁଲ୍ୟ ସିଂହଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**ସ୍ୱେଚ୍ଛାସେବୀ ସଂଗଠନର ସେବା କାର୍ଯ୍ୟ:** ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବା ଓଲାଶୁଣୀ ମେଳାରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ସେବା ଯୋଗାଇ ଦେଉଛନ୍ତି ବହୁ ସାମାଜିକ ସେବା ସଂଗଠନ। ପଲାଇ ସତ୍ୟସାଇ ସେବା ସମିତିର ୮୦ରୁ ଉର୍ଦ୍ଧ୍ୱ ସେବା ଦଳ ପାଞ୍ଚଦିନ ରହି ସେବା କାର୍ଯ୍ୟ କରିଥିଲାବେଳେ ଅରକ୍ଷିତ ସେବା ସଂଘ, ଶ୍ରୀକ୍ଷେତ୍ର ସେବା ସଂଘର ଶତାଧିକ ସ୍ୱେଚ୍ଛାସେବୀ ସେବା କାର୍ଯ୍ୟ କରୁଛନ୍ତି। ବଡ଼ଚଣା ସିଏଚ୍‌ସି ଓ ସାଇ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି।

### ଉନ୍ନତିମୂଳକ କାର୍ଯ୍ୟକୁ ବିରୋଧ

## ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ



**ସୁକିନ୍ଦା, ୩୦।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ଦୁଇଟି ପ୍ରକଳ୍ପ କାମକୁ ନେଇ ବିବାଦ ଉପୁଜିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଡିଓ ଓ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଖରଡ଼ି ପଞ୍ଚାୟତ ଅଧୀନ ନାଉପାଳ ସାହିର ରାସ୍ତା ଓ ପଡ଼ିଆ ଉନ୍ନତିକରଣ ପାଇଁ ସରକାରଙ୍କ ମନରେଗା ଯୋଜନାରେ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଦୁଇଟି ପ୍ରକଳ୍ପ କାମ ଆରମ୍ଭ କରିବାକୁ ନାଉପାଳ ଗ୍ରାମବାସୀ ସୂଚନା ଫଳକ ନିର୍ମାଣ କରିଥିଲେ। ଗତ ୨୯ ତାରିଖରେ ଖରଡ଼ି ଗ୍ରାମର କିଛି ଯୁବକ ସମ୍ପୃକ୍ତ ସ୍ଥାନକୁ ଯାଇ ଅସଭ୍ୟ ଗାଳିଗୁଲଜ କରିବା ସହ କାମ ନ କରିବାକୁ ଧମକ ଦେଇଥିବା ନାଉପାଳର କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁରୁବାର ଦିନ ନାଉପାଳର କିଛି ଆଦିବାସୀ ଯୁବକ ଘଟଣା ସମ୍ପର୍କରେ ବିଡିଓ ଓ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯାଜପୁର ଜିଲ୍ଲାରେ ଅନୁଷ୍କା ପ୍ରଥମ

**ଯାଜପୁର, ୩୦।୧(ସମିସ):** ଯାଜପୁର ଟାଉନ୍‌ସ୍ଥିତ ସନ୍ ପବ୍ଲିକ୍ ସ୍କୁଲର ଛାତ୍ରୀ ଅନୁଷ୍କା ବିଶ୍ୱାଳ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ବକ୍ତୃତା ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିଲାଗି ଅନୁଷ୍ଠିତ ଉତ୍ସବରେ ଆଇନ୍, ପୂର୍ତ୍ତ ଓ ଗୃହନିର୍ମାଣ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍କାଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏହି ଉତ୍ସବରେ ଉପସ୍ଥିତ ଥିଲେ।




ଅନୁଷ୍କା ଇଂରାଜୀ ବକ୍ତୃତାର ନବମରୁ ଦଶମ ଶ୍ରେଣୀ କାଟାଗୋରୀରେ ପ୍ରଥମ ହୋଇଥିଲେ। ଏଥିରେ ଓଏଭି ଉତ୍ତରକୂଳର ବିଦ୍ୟାଂଶୀ ସାମଲ ଦ୍ୱିତୀୟ ଓ ଓଏଭି ଯମଧରର ସାଇ ଦିବ୍ୟମ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଏହି କାଟାଗୋରୀର ଓଡ଼ିଆ ବକ୍ତୃତାରେ ବରୁଣେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ଭାଗ୍ୟଶ୍ରୀ ପତି ପ୍ରଥମ, ଯାଜପୁର ଉପେନ୍ଦ୍ର କୁମାର ଉଚ୍ଚବିଦ୍ୟାଳୟର ଆଶାଲତା ଦତ୍ତ ଦ୍ୱିତୀୟ ଓ ବଡ଼ଚଣା ସମରେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ଅର୍ଚ୍ଚିତା ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଠିକାଦାରଙ୍କୁ ମାଡ଼ ମାରିବା ଘଟଣାରେ ୩ ଗିରଫ

**ଜାରକା, ୩୦।୧(ସମିସ):** ଧର୍ମଶାଳା ଥାନା ଜାରକା ବଜାରରେ ଦିନ ଦ୍ୱିପ୍ରହରରେ ଜଣେ ଠିକଦାରଙ୍କୁ ଗାଡ଼ିରୁ ଟାଣି ଆଣି ମାଡ ମାରିବା ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଭବାନୀପୁର ଗ୍ରାମର ଠିକାଦାର ଅକ୍ଷୟ ନାୟକ ସମ୍ପର୍କୀୟଙ୍କ ସୁଧି କାମ ପାଇଁ ଜାରକା ମେନ୍ ମାର୍କେଟରୁ ଲୁଗା କିଣିବାକୁ ଯାଇଥିଲେ। ଲୁଗା କିଣି ଗାଡ଼ିରେ ବସୁଥିବାବେଳେ ତିନିଜଣ ଦୁର୍ବୃତ୍ତ ତାଙ୍କୁ ଗାଡିରୁ ଘୋଷାରି ମାଡ ମାରିଥିଲେ। ଠିକାଦାର ଦୁର୍ବୃତ୍ତଙ୍କ କବଳରୁ ଖସିଯାଇ ଧର୍ମଶାଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ଗତକାଲି ରାତିରେ ଚଢ଼ଉ କରି ବାଲିଚନ୍ଦ୍ରପୁର ଥାନା ରମାପୁର ଗ୍ରାମର ସରଣ ସାମଲଙ୍କ ପୁଅ ସୁନୀଲ ସାମଲ, ଧର୍ମଶାଳା ଥାନା ଜାମିବଣିଆ ଗ୍ରାମର ଦାମ ଗେଡ଼ିଙ୍କ ପୁଅ ପ୍ରଶାନ୍ତ ଗେଡ଼ି ଓ ଭବନିପୁର ଗ୍ରାମର ସୁରେଶ ସାମଲଙ୍କ ପୁଅ ରୋହିତ ସାମଲକୁ ଉଠାଇ ଆଣି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।






### ବିରଜା ସେବା ସମିତିର ସମ୍ବର୍ଦ୍ଧନା ଉତ୍ସବ

# ପଞ୍ଜିକାର ଗଦାଧର ମହାପାତ୍ର ସମ୍ବର୍ଦ୍ଧିତ




**ଯାଜପୁର ଟାଉନ, ୩୦।୧(ସମିସ)**

ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀବିରଜା ସେବା ସମିତିର ଏକ ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା'ଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ଦିରର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ ଯୋଗଦେଇଥିଲେ। ମନ୍ଦିର ପୁରୋଧା ଦେବୀପ୍ରସାଦ ପାଣି ଓ ବିରଜା ପ୍ରସାଦ ପାଣି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିରଜା ପଞ୍ଜିକାର ମୁଖ୍ୟ ଗଣନାକାର ସ୍ୱର୍ଣ୍ଣପଦକପ୍ରାପ୍ତ ଜ୍ୟୋତିର୍ବିତ୍ ଗଦାଧର ମହାପାତ୍ରଙ୍କୁ 'ଶ୍ରୀବିରଜା ସେବା ସମିତି' ସମ୍ମାନରେ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଶ୍ରୀ ମହାପାତ୍ର ତାଙ୍କର ଅସାଧାରଣ ଜ୍ୟୋତିର୍ବିଦ୍ୟାରେ ପାଣ୍ଡିତ୍ୟ ଲାଭ କରିଥିବାରୁ ସେ ବହୁ ଅଗ୍ରଣୀ ଅନୁଷ୍ଠାନ ପକ୍ଷରୁ ଜ୍ୟୋତିର୍ବିଦ୍ୟା ବିଶାରଦ, ଜ୍ୟୋତିର୍ବିଦ୍ୟା ବାଚସ୍ପତି, ଜ୍ୟୋତିର୍ବିଦ୍ୟା ରତ୍ନ ଆଦି ବହୁ ସମ୍ମାନରେ ଭୂଷିତ ହୋଇଛନ୍ତି। ତାଙ୍କ ଅନୁପସ୍ଥିତିରେ ତାଙ୍କ ସନ୍ତାନ ଜ୍ୟୋତିଷଶ୍ରୀ ଓ ଜ୍ୟୋତିଷ ଭୂଷଣ ଉପାଧିପ୍ରାପ୍ତ ଭାଗବତ ପ୍ରସାଦ ମହାପାତ୍ର ସମ୍ମାନ ଓ ଉପଢୌକନ ଗ୍ରହଣ କରିଥିଲେ। ଉପସଭାପତି ପ୍ରମୋଦ ଦ୍ୱିବେଦୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଉତ୍ତରୀୟ ପ୍ରଦାନ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ଦେବୀ ବନ୍ଦନା ପାଠ କରିଥିଲେ। ମହିମାମୟୀ ମା'ବିରଜାଙ୍କ ପ୍ରବନ୍ଧ ଉପରେ ଯାଜପୁରର ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବିରଜା ଉଚ୍ଚବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଅମ୍ରିତା ନାୟକ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ଯାଜପୁରର ଛାତ୍ରୀ ମୁଗ୍ଧା ମୁକୁଳିତା ଦାସ ଦ୍ୱିତୀୟ ଓ ଉପେନ୍ଦ୍ର କୁମାର ଉଚ୍ଚବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ ଆଶାଲତା ଦତ୍ତ ୩ୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ସଭ୍ୟ ବନବିହାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧ ହଜାର ୪୨ ସରକାରୀ କର୍ମଚାରୀ ନେଉଛନ୍ତି ରାସନ୍

**ଭଦ୍ରକ, ୩୦।୧(ସମିସ):** ଭଦ୍ରକ ଜିଲ୍ଲାରେ ୧ ହଜାର ୪୨ ଜଣ ସରକାରୀ କର୍ମଚାରୀଙ୍କ ହାତରେ ରାସନ କାର୍ଡ ରହିଛି। ଏଥିରେ ପୁଲିସ ଇନ୍ସପେକ୍ଟରଙ୍କ ଠାରୁ ଆରମ୍ଭ କରି ଅତିରିକ୍ତ ତହସିଲଦାର, କନିଷ୍ଠ ଯନ୍ତ୍ରୀ, ଅଧ୍ୟାପକ, ଶିକ୍ଷକ, ଫରେଷ୍ଟ ଗାର୍ଡ, ପୁଲିସ କନେଷ୍ଟବଳ, ହୋମଗାର୍ଡମାନେ ରହିଛନ୍ତି। ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ ହେବା ଦିନରୁ ସେମାନେ ସରକାରଙ୍କଠାରୁ ନିୟମିତ ରାସନ ନେଇଚାଲିଛନ୍ତି। ଏବେ ଖାଦ୍ୟ ସୁରକ୍ଷାରେ ଇ-କେୱାଇସି ଲାଗୁ ହେବା ପରେ ଏହାର ଗୁମର ଫିଟୁଛି।

ସୂଚନା ଆଧାରରେ ଏବେ ଭଦ୍ରକ ଜିଲ୍ଲାରେ ୧ ହଜାର ୪୨ ଜଣ ବିଭିନ୍ନ ବର୍ଗର ସରକାରୀ କର୍ମଚାରୀ ନିୟମିତ ରାସନ ନେଉଛନ୍ତି। ସେମାନେ ପ୍ରକୃତ ପକ୍ଷେ ସରକାରୀ ଚାକିରିଆ କି ନୁହେଁ ତାହାର ଯାଞ୍ଚ କରିବାକୁ ବିଭିନ୍ନ ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କଥା ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି। ତେବେ ଯାଞ୍ଚ ପ୍ରକ୍ରିୟା ଜାରି ଥିବା ଯୋଗୁଁ କେଉଁ ବ୍ଲକରେ କେତେ ଜଣ ସରକାରୀ ଚାକିରିଆ ରାସନ ନେଉଛନ୍ତି ତାହାର ସବିଶେଷ ତଥ୍ୟ ଆସି ନଥିଲେ ମଧ୍ୟ ଏହି ତାଲିକାରେ ସରକାରୀ ଚାକିରିରେ ଥିବା ଉପରୋକ୍ତ କର୍ମଚାରୀମାନେ ରହିଥିବା ଜଣାପଡିଛି।

ଭଦ୍ରକ ଜିଲ୍ଲାରେ ଏବେ ଖାଦ୍ୟ ସୁରକ୍ଷାରେ ୩ ଲକ୍ଷ ୪୨ ହଜାର ୨୭୩ ପରିବାରରେ ୧୧ ଲକ୍ଷ ୮୦ ହଜାର ୬୨୨ ଜଣ ଲୋକଙ୍କ ନାମରେ ରାସନ ସାମଗ୍ରୀ ଉଠୁଛି। ସେଥିରୁ ଯଦି ୧ ହଜାର ୪୨ ଜଣ ସରକାରୀ ଚାକିରିଆଙ୍କ ପରିବାର ନାମରେ ରାସନ କାର୍ଡ ରହିଥାଏ ତେବେ ଅନ୍ୟୂନ ୫ ହଜାର ଅଯୋଗ୍ୟ ଲୋକ ଏହି ତାଲିକାରେ ସାମିଲ ହୋଇ ଦୀର୍ଘବର୍ଷ ଧରି ସରକାରୀ ରାସନ ହଡ଼ପ କରୁଥିବା ସ୍ୱତଃ ପ୍ରମାଣିତ ହୋଇଛି।

ଜିଲ୍ଲା ଯୋଗାଣ ବିଭାଗ ସୂଚନା ଅନୁଯାୟୀ, ଚଳିତମାସ ୩୧ ତାରିଖ ସୁଦ୍ଧା ଇ-କେୱାଇସି ଶେଷ ହେବାକୁ ଯାଉଥିଲେ ମଧ୍ୟ ଜିଲ୍ଲାରେ ଆହୁରି ୧ ଲକ୍ଷ ୨୬ ହଜାର ୬୧୯ ଜଣ ଲୋକ ସେମାନଙ୍କ ଇ-କେୱାଇସି କରି ନାହାନ୍ତି; ଅର୍ଥାତ ଏହି ଯୋଜନାରେ କେବଳ ସରକାରୀ ଚାକିରିଆ ନୁହଁନ୍ତି ଲକ୍ଷାଧିକ ଅଯୋଗ୍ୟ ହିତାଧିକାରୀ ମଧ୍ୟ ଚଞ୍ଚକତା କରି ରାସନ କାର୍ଡ ହାତେଇଛନ୍ତି। ଯାହା କି ତଦନ୍ତ ପରେ ସ୍ପଷ୍ଟ ହେବ। ଏଠାରେ ପ୍ରଶ୍ନ ଉଠୁଛି, ଅଯୋଗ୍ୟ ଚିହ୍ନଟ ହିତାଧିକାରୀଙ୍କୁ କେବଳ ଯୋଜନାରୁ ଅନ୍ତର କରାଯିବ ନାଁ ସେମାନଙ୍କଠାରୁ ରେସନ ସାମଗ୍ରୀ ବାବଦକୁ ଅର୍ଥରାଶି ଭରଣା କରାଯିବ କିମ୍ବା ଅନ୍ୟକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ?

### ଫେରାଉଛନ୍ତି ରାସନ କାର୍ଡ

**ମଞ୍ଜୁରୀ ରୋଡ, ୩୦।୧(ସମିସ):** ସରକାରୀ ଚାକିରି ସହିତ ଅନ୍ୟାନ୍ୟ ପଦପଦବୀରେ ଥିବା ବଡବଡିଆମାନେ ଏବେ ଭଣ୍ଡାରିପୋଖରୀ ପ୍ରଶାସନକୁ ରାସନ କାର୍ଡ ଫେରାଉଛନ୍ତି। ପୂର୍ବରୁ ସରକାରୀ ବେତନଭୁକ୍ତ ପରିବାର କୌଶଳ କରି ରାସନ କାର୍ଡ ହାତେଇଥିଲେ। ପ୍ରାୟ ୮୭ଜଣ ବ୍ୟକ୍ତି ଦୀର୍ଘବର୍ଷ ହେବ ରାସନ ସାମଗ୍ରୀ ହଡପ କରିଥିବା ବେଳେ ସେମାନଙ୍କ ନାଁ ଏବେ ସରକାର ପ୍ରଶାସନ ନିକଟକୁ ପଠାଇଛନ୍ତି। କାର୍ଡ ଫେରାଇବା ପାଇଁ ପ୍ରଶାସନ ଉକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଛି। ଇତିମଧ୍ୟରେ ୬ଜଣ କାର୍ଡ ଫେରାଇଥିବା ବେଳେ ବାକି ୮୧ଜଣଙ୍କର ରାସନ ସାମଗ୍ରୀ ବନ୍ଦ ପାଇଁ ବଣ୍ଟନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ସରକାରୀ ରିପୋର୍ଟ ବାହାରେ ଅନ୍ୟ ଚାରିଜଣ ମଧ୍ୟ ପ୍ରଶାସନକୁ ରାସନ କାର୍ଡ ଫେରାଇଥିବା ଜଣାପଡିଛି।

## ଇ-କେୱାଇସି ଅବଧି ସହ ବଢ଼ିଲା ନୂତନ ହିତାଧିକାରୀଙ୍କ ଅପେକ୍ଷା

**ବନ୍ତ/ଆଗରପଡ଼ା, ୩୦।୧(ସମିସ):** ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ନୂତନ ସରକାର ତାଙ୍କ ପ୍ରକ୍ରିୟା ଚାଲୁ ରଖିଥିବା ବେଳେ ଏହା ଭିତରେ ନୂତନ ହିତାଧିକାରୀଙ୍କ ଅପେକ୍ଷା ବଢିବଢି ଚାଲିଛି। ଇତିମଧ୍ୟରେ ସରକାର ପୁଣି ଇ-କେୱାଇସି ଅବଧିକୁ ବଢାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ଫେବୃଆରୀ ୧୫ ତାରିଖ ଯାଏଁ ଇ-କେୱାଇସି ଅବଧି ବଢିଛି। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେବା ସହ ରାସନ କାର୍ଡ ଫେରାଇବା ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି, ଠିକା କର୍ମଚାରୀଙ୍କୁ ରାସନ କାର୍ଡ ଫେରାଇବାକୁ କହି ନାହିଁ। ବଡ଼ ଚାକିରି କରି ନଥିବା ଲୋକଙ୍କୁ କାର୍ଡ ଫେରାଇବାକୁ କହିନି। ଯେଉଁମାନେ ୧୦/୧୨ ହଜାର ଦରମା ପାଉଛନ୍ତି ଅସୁବିଧା ନାହିଁ। ସେମାନଙ୍କୁ ଫେରାଇବାକୁ କହିନି କି ଫେରାଇବା ଦରକାର ନାହିଁ। ଯେଉଁମାନେ ଆଇଟି ରିଟର୍ଣ୍ଣ ଦାଖଲ କରୁଛନ୍ତି ସେମାନେ ଫେରାନ୍ତୁ। ୩୦/୪୦ ହଜାର ଦରମା ପାଉଥିଲେ ଫେରାନ୍ତୁ, ନଚେତ୍ ସେମାନେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୯ ଲକ୍ଷ ହିତାଧିକାରୀ ଇ-କେୱାଇସି ଅପଡେଟ କରି ନାହାନ୍ତି। ୨୯ ତାରିଖ ସୁଦ୍ଧା ୨ କୋଟି ୯୬ ଲକ୍ଷ ୯୭ ହଜାର ୩୩୨ ଜଣ ଇ-କେୱାଇସି ଅପଡେଟ୍ କରିଛନ୍ତି। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୩୨ ହଜାର ୩୭୮ ଜଣ ଇ-କେୱାଇସି ଅପଡେଟ କରିଛନ୍ତି। ଜାନୁଆରୀ ୨୯ ତାରିଖ ସୁଦ୍ଧା ମୋଟ୍ ୩୮ ଲକ୍ଷ ୩ ହଜାର ୨୩୮ ଜଣ ଇ-କେୱାଇସି ଅପଡେଟ୍ କରି ନଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏ ପ୍ରକ୍ରିୟା କେବେ ସରିବ ଏହାକୁ ନେଇ ଅପେକ୍ଷାରେ ଥିବା ଯୋଗ୍ୟ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷରେ ଭୂତ ଖାଉଥିଲା ରାସନ୍ ଚର୍ଚ୍ଚାକୁ ଆସିବା ପରେ ବନ୍ତ ବ୍ଲକରେ ସରକାରୀ ଚାକିରିଆ ସଂଖ୍ୟାରେ କେତେ ପରିବର୍ତ୍ତନ ହେଉଛି ତାହାକୁ ସମସ୍ତଙ୍କ ଅପେକ୍ଷା।

## ପଦିନାରାୟଣପୁରରେ ରଟନ୍ତି କାଳୀପୂଜା



**ବାରିକପୁର/ଭଣ୍ଡାରିପୋଖରୀ, ୩୦।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟ ପଦିନାରାୟଣପୁରଠାରେ ମା' ରଟନ୍ତି କାଳୀଙ୍କ ପୂଜାଉତ୍ସବ ଆରମ୍ଭ ହୋଇଛି। ପୂଜକ ପୂର୍ଣ୍ଣଚନ୍ଦ୍ର ପାଣି ଓ ଜଗନ୍ନାଥ ପଣ୍ଡାଙ୍କ ଦ୍ୱାରା ଘଟ ସ୍ଥାପନ ହେବା ପରେ ଅନ୍ୟାନ୍ୟ ପୂଜାବିଧି ହୋମଯଜ୍ଞ ଆରମ୍ଭ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୧୯୯୧ରୁ ପୂଜା ଆୟୋଜନ ହେଉଛି। ପୂଜା କମିଟି ସଭାପତି ରମାକାନ୍ତ ରାଉତ, ସମ୍ପାଦକ ବିଜୟ ରାଉତ, ନୀତିପୂଜକ ଦୋଳଗୋବିନ୍ଦ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ମା'କାଳୀଙ୍କ ପୂଜା ଆୟୋଜନ ହୋଇଛି। ପ୍ରତ୍ୟହ ହୋମଯଜ୍ଞ ସହିତ ପାଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାର୍ଷିକ ଉତ୍ସବକୁ କମିଟି ସଦସ୍ୟ ଗଦାଧର ବିଶ୍ୱାଳ, ଅଶୋକ ରାଉତ, ପ୍ରଦୀପ ବେହୁରିଆ, ହିମାଂଶୁ ରାଉତ, ଧନେଶ୍ୱର ଜେନା, ରାଧାକାନ୍ତ ବେହୁରିଆ, ପୁରୁଷୋତମ ଧଳ, ଅମର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ୧ରୁ ଗଣଧାରଣା



**ଭଦ୍ରକ, ୩୦।୧(ସମିସ):** ବିଭିନ୍ନ ଦାବି ନେଇ ଆକାଉଣ୍ଟାଣ୍ଟ କମ୍ ସପୋର୍ଟ ଷ୍ଟାଫ ଏବଂ ଏମ୍ଆଇ ଆଇଏସ କମ ପ୍ଲାନିଂ କୋ-ଅର୍ଡିନେଟରଙ୍କ ରାଜ୍ୟ ସଂଘ ଆହ୍ୱାନକ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ, ଉପଯୁକ୍ତ ମାସିକ ବେତନ ପ୍ରଦାନ ଏବଂ ସ୍ଥାୟୀ ନିଯୁକ୍ତି ଦାବିରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି କରିଥିବା ବେଳେ ଆସନ୍ତା ଫେବୃଆରୀ ୧ରୁ ଗଣଧାରଣା ଦେବା ପାଇଁ ସୂଚନା ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଗତ ୨୨ ତାରିଖ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜରିଆରେ ଚେତାବନୀ ଦିଆଯାଇଥିଲା। ଭଦ୍ରକ ଜିଲ୍ଲାର ସମସ୍ତ ୭ ବ୍ଲକରେ କାର୍ଯ୍ୟରତ ସମଗ୍ର ଶିକ୍ଷାର କର୍ମକର୍ତ୍ତା ଏହି ଗଣଧାରଣା ସମ୍ପର୍କିତ ୭ଟି ଦାବି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଆକାଉଣ୍ଟାଣ୍ଟ କମ୍ ସପୋର୍ଟ ଷ୍ଟାଫ ଏବଂ ଏମ୍ଆଇଏସ କମ ପ୍ଲାନିଂ କୋ-ଅର୍ଡିନେଟରମାନେ ଦୀର୍ଘ ୧୨ ବର୍ଷ ଧରି ସ୍ୱଳ୍ପ ବେତନରେ ନିଷ୍ଠାର ସହିତ ଗୋଷ୍ଠ ଶିକ୍ଷା କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ସେମାନଙ୍କୁ ଏପର୍ଯ୍ୟନ୍ତ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ ନ କରି ଠିକା କର୍ମଚାରୀ ଭାବେ ସ୍ୱଳ୍ପ ଦରମା ଦେଇ କାମ କରାଉଥିବା ଅଭିଯୋଗ କରିଛନ୍ତି।

## ପ୍ରଶାସକ ରବିନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ



**ଭଦ୍ରକ, ୩୦।୧(ସମିସ):** ଭଦ୍ରକ ସହର କୁଆଁସସ୍ଥିତ ଗୀତା ଭବନଠାରେ ଅବସରପ୍ରାପ୍ତ ପ୍ରଶାସକ, ପୂର୍ବତନ ସିଡବ୍ଲୁସି ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ରବିନ୍ଦ୍ର କୁମାର ମହାନ୍ତିଙ୍କ ୧୧ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଏସ୍ଏମ ଫାରୁକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମ ସମ୍ପାଦକ ଅଶୋକ ଦାସ, ବରିଷ୍ଠ ଆଇନଜୀବୀ-ହରିହର ଧଳ, ସନ୍ତୋଷ ନାୟକ, କଲ୍ୟାଣ ଦାସ, ରାଧା ଦାସ, ଅତିସ ବେହେରା, ନିଶିକାନ୍ତ ନାୟକ, ଆଦିତ୍ୟ ମିଶ୍ର, ସରୋଜ ଦାସ, ପଙ୍କଜ ପରିଡା, ଗଦାଧର ବଳ, ଏପିପି ପ୍ରଦୀପ ମହାପାତ୍ର, ସୌମଭ ଦେ, ଧୀରେନ୍ଦ୍ର ରାୟ, ଅରୁଣ ମହାନ୍ତି, ବିଜନ ଜେନା, ଲମ୍ବୋଦର ମହାପାତ୍ର, ଜୟନ୍ତ ଭୋଇ, ଦେବାଶିଷ ନାୟକ, ପ୍ରାକ୍ତନ କାଉନସିଲର ସୁରଜିତ ପାଲ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ବିଜେପିନେତା ନାଟ୍ୟକାର ଡ. ସୁଧାଂଶୁ ନାୟକ, ସମାଜସେବୀ ଦେବବ୍ରତ ମହାନ୍ତି, ଆଶିଷ ରାଉତ, ପ୍ରଶାନ୍ତ ମହାନ୍ତି, ବିକାଶ ସାହୁ, ଟିନୁ ପଟ୍ଟନାୟକ ଓ ସମ୍ବିତ ମହାନ୍ତି ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପତ୍ନୀ କବି ଗୀତାରାଣୀ ମହାନ୍ତି, ପୁତ୍ର ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗର ସଭାପତି ଶିବପ୍ରସାଦ ମହାନ୍ତି ଓ ବୋହୂ ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଭ୍ୟା ମୌସୁମୀ ମହାନ୍ତି ପ୍ରମୁଖ କୃତଜ୍ଞତା ଅର୍ପଣ କରିଥିଲେ।

## ଗାଈଗୋରୁଙ୍କୁ ବିପଦ ଚାରଣ ଜମି

**ବାରିକପୁର, ୩୦।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଏବେ ଗୃହପାଳିତ ପଶୁମାନେ ବିଭିନ୍ନ ରୋଗରେ ପୀଡିତ ହେଉଥିବା ଜଣାପଡିଛି। ସମ୍ପ୍ରତି ଖରିଫ ଧାନ ଅମଳ ସରିଥିବା ବେଳେ ଶସ୍ୟକୁ ଚାଷୀମାନେ ଅମଳ କରି ସାରିଛନ୍ତି। ଅତ୍ୟାଧୁନିକ ମେସିନରେ ଧାନ ଅମଳ ହୋଇଥିବା ବେଳେ ଚାଷ ଜମିରେ ପଡି ରହିଛି କୁଡ଼ କୁଡ଼ ଛଣକୁଟା ଓ ଅଧା ଛିଣ୍ଡା ଧାନ ଛିଞ୍ଚା। ମକର ସଂକ୍ରାନ୍ତି ପରେ ଗାଈଗୋରୁ ଛାଡ଼ ହୋଇଥିବା ବେଳେ ଚାଷ ଜମିରେ ପଡ଼ିଥିବା କୁଟା ଓ ଧାନ ସେମାନଙ୍କ ପାଇଁ ମୁଖ୍ୟ ଚାରଣ ପାଲଟିଛି। ବିଭିନ୍ନ ଗାଁର ଗାଈ, ଛେଳି, ମେଣ୍ଢା, ଛୋଟ ବାଛୁରୀ ବିଲରେ ସକାଳୁ ସନ୍ଧ୍ୟା ଯାଏଁ ଚାରଣ କରୁଛନ୍ତି। ଅତ୍ୟଧିକ ଚାରଣ କାରଣରୁ ସେମାନଙ୍କ ଖାଦ୍ୟ ପ୍ରକ୍ରିୟା କରଣରେ ଏହା ଘୋର ସମସ୍ୟା ସୃଷ୍ଟି କରୁଛି। ବିଶେଷ କରି ମେସିନ କଟା ପରବର୍ତ୍ତୀ ବିଲରେ ପଡ଼ିଥିବା ଧାନକୁ ଗାଈଗୋରୁ ଖାଇବା ଯୋଗୁଁ ହଜମ ପ୍ରକ୍ରିୟା ସୁଚାରୁରୂପେ ହୋଇପାରୁନାହିଁ। ଫଳରେ ପେଟ ଫାମ୍ପିବା ସହିତ ଝାଡା ପରିଶ୍ରାରେ ଏହା ସମସ୍ୟା ସୃଷ୍ଟି କରୁଛି। ଏପରିକି ଅତ୍ୟଧିକ ଚାରଣ କାରଣରୁ ଛୋଟଛୋଟ ବାଛୁରିମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ଅବସ୍ଥା ବ୍ଲକର ବିଷ୍ଣୁପୁରଠାରୁ ଆରମ୍ଭ କରି ମଞ୍ଜୁରୀରୋଡ଼, ଆଖୁଆପଦା, ମଣିନାଥପୁର ଓ ମାଳଦା ଯାଏଁ ଦେଖାଯାଇଛି। ପ୍ରତ୍ୟକ ଦିନ ହଜାର ହଜାର ଗାଈ ଗୋରୁ ଚାରଣରୁ ଫେରିବା ପରେ ସେମାନଙ୍କଠାରେ ଖାଦ୍ୟ ପ୍ରକ୍ରିୟା କରଣରେ ସମସ୍ୟା ଦେଖାଦେଉଛି। ତେଣୁ ଏହା ଉପରେ ଗୋ-ପାଳକ ଓ ଗୃହସ୍ଥମାନେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ଗ୍ରାମ୍ୟ ଚୋରଙ୍କ ହାତରେ ମାଷ୍ଟର ଚାବି

**ବାରିକପୁର, ୩୦।୧(ସମିସ):** ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ବିଭିନ୍ନ ଗାଁ ଗହଳିରେ ଥିବା ଛୋଟବଡ ବ୍ୟବସାୟ କେନ୍ଦ୍ରରୁ ଅନେକ ସମୟରେ ଚୋରି ହେଉଥିବା ଜଣାପଡ଼ିଛି। ଯଦିଓ ଏନେଇ ଥାନାରେ ଅଧିକାଂଶ ଅଭିଯୋଗ ହେଉନାହିଁ କିନ୍ତୁ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ବିଶେଷ କରି ପାନ,ଚା ଓ ରାସନ ଦୋକାନରୁ ଗ୍ରାମ୍ୟ ଚୋରମାନେ ଚୋରି କରୁଛନ୍ତି। ଚୋରଙ୍କ ହାତରେ ଏବେ ମାଷ୍ଟର ଚାବି କାଠି ରହୁଛି। ଫଳରେ ସେମାନେ ଅନାୟସରେ ବିନା ଭଙ୍ଗାରୁଜାରେ ଦୋକାନ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରାଇ ନେଉଛନ୍ତି। ଏମିତି ଏକ ଚୋରିଘଟଣା ଦେଖିବାକୁ ମିଳିଛି ରହଣିଆ ପଞ୍ଚାୟତ ପୁରସ୍ତମପୁର ଛକଠାରେ। ଗତ ବୁଧବାର ବିଳମ୍ବିତ ରାତିରେ ଗାଁ ମୁଣ୍ଡ ଛକରେ ଥିବା ସୁବାସ ନାୟକଙ୍କ ପାନ କେବିନରୁ ଚୋରମାନେ ଚୋରି କରିଛନ୍ତି। ମାଷ୍ଟର କାଠି ସାହାଯ୍ୟରେ ଚୋରମାନେ ତାଲା ଖୋଲି ଦୋକାନରୁ ସାମ୍ପୁ, ବିସ୍କୁଟ ଓ ବିଭିନ୍ନ ତମାଖୁ ତଥା ଗୁଟଖା ଚୋରି କରିଛନ୍ତି। ବିକଳ୍ପ କାଠି ସାହାଯ୍ୟରେ ତାଲା ଖୋଲାଯାଇ ଚୋରି ହୋଇଥିବା ଆଜି ସକାଳୁ ଜଣାପଡିଛି। ଏଭଳି ଘଟଣା ଜଣାପଡ଼ିବା ପରେ ଅନ୍ୟ ବ୍ୟବସାୟୀମାନେ ନିଜ ବ୍ୟବସାୟ ପ୍ରତିଷ୍ଠାନର ସୁରକ୍ଷା ନେଇ ଚିନ୍ତିତ ହୋଇଛନ୍ତି।

### ବଡ଼ହାଟ ତ୍ରିଲୋଚନପୁର ସମସ୍ୟା

## ଅଭିଯୋଗ ପରେ ବ୍ଲକ୍ ପ୍ରଶାସନର ତତ୍ପରତା







**ବନ୍ତ/ଆଗରପଡ଼ା, ୩୦।୧(ସମିସ):** ଗତ ୨୩ ତାରିଖ 'ପଞ୍ଚାୟତ ଗଠନକୁ ୯ବର୍ଷ ପୂରିବ; ବିକାଶଠାରୁ ବହୁ ଦୂରରେ ବଡ଼ହାଟ ତ୍ରିଲୋଚନପୁର' ଶୀର୍ଷକ ଖବର 'ସକାଳ'ରେ ପ୍ରକାଶ ପାଇଲା ପରେ ବଡ଼ହାଟ ତ୍ରିଲୋଚନପୁରର ବିକାଶ ଦିଗରେ ବ୍ଲକ୍ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ବିଡିଓ ନିଶିକାନ୍ତ ଖୁଣ୍ଟିଆ ସମସ୍ୟାର ଅନୁଧ୍ୟାନ କରିବା ସହ ଅଧପନ୍ତରିଆ ଅବସ୍ଥାରେ ଥିବା ବିଭିନ୍ନ ପ୍ରକଳ୍ପକୁ ପରଖିଥିବା ଜଣାପଡ଼ିଛି।

୨୦୧୬ରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ପୁରୁଷଣ୍ଡି ପଞ୍ଚାୟତକୁ ଭାଗ କରାଯାଇ ବଡ଼ହାଟ ତ୍ରିଲୋଚନପୁର (ବିଟିପୁର) ପଞ୍ଚାୟତ ଗଠନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିମନ୍ତେ ଜମି ଅଧିଗ୍ରହଣ କରାଯିବା ପରେ ୨୦୧୮ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୫ ବର୍ଷ ପରେ ଏହା ସଂପୂର୍ଣ୍ଣ ହୋଇଥିଲା; ହେଲେ ଏହି ଅଞ୍ଚଳର ବିକାଶ ସେଭଳି ଆଗେଇ ପାରିନାହିଁ।

ବିଟିପୁର ପଞ୍ଚାୟତରେ ଥିବା ଆଗରପଢ଼ାର ବହୁ ପୁରାତନ ଡ଼ାକଘର ଆଜି ପର୍ଯ୍ୟନ୍ତ ଭଡ଼ାଘରେ ଚାଲିଛି। ସେହିପରି ପ୍ରାଣୀ ଚିକିତ୍ସାଳୟ ଉକ୍ତ ପଞ୍ଚାୟତରେ ଅବହେଳିତ ଅବସ୍ଥାରେ ଅଛି। ବଜାର ଅଞ୍ଚଳରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ର ୫ବର୍ଷ ପରେ ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଗତ ଜୁଲାଇରେ ବିଟିପୁର ସରପଞ୍ଚ ଓ ପଞ୍ଚାୟତବାସୀ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବିଧାୟକ ସଂଜୀବ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୭ଟି ବିଭିନ୍ନ କାର୍ଯ୍ୟ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ଜଳ ଓ ପରିମଳ ବିଭାଗ କ୍ୱାର୍ଟର୍ସ, ପଥପ୍ରାନ୍ତ ସୁବିଧା କେନ୍ଦ୍ର(ବିଟିପୁର ସୁଲଭ ଶୌଚାଳୟ ପାଖରେ), ଲକ୍ଷ୍ମୀ ବସ୍ଷ୍ଟପ୍(ଲକ୍ଷ୍ମୀ ବଜାର ନିକଟରେ), ଶ୍ମଶାନଘାଟ, ନକୁଳ ଚୁଆ ପୋଖରୀ ସୌନ୍ଦର୍ଯ୍ୟକରଣ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ୨ଟି କାର୍ଯ୍ୟ ସହ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଅପବ୍ୟବହୃତ ସରକାରୀ ଜାଗାକୁ ଉପଯୋଗୀ କରିବାକୁ ପ୍ରଶାସନକୁ ମଧ୍ୟ ନିବେଦନ କରିଥିଲେ। ବ୍ଲକ ପ୍ରଶାସନ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲା। ସେହିପରି ଜବରଦଖଲ ମଧ୍ୟ ବାଧା ସୃଷ୍ଟି କରୁଥିବାରୁ ବାରମ୍ବାର ଅଭିଯୋଗ କରାଯାଇଛି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତବାସୀ ବାଧ୍ୟହୋଇ ଗତ ୧୩ ତାରିଖ ବନ୍ତ ବ୍ଲକରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ସେମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ବ୍ଲକ ପ୍ରଶାସନକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ଉକ୍ତ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବାପରେ ଇତିମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଏହାର ବିକାଶକୁ ନେଇ ତତ୍ପରତା ପ୍ରକାଶ ପାଇଥିବା ଜଣାପଡ଼ିଛି।

'ସକାଳ' ପ୍ରଭାବ

### ଅର୍ଜୁନ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

## ଦର୍ଶକଙ୍କ ମନମୋହିଲା ମୋଗଲ ତାମ୍ସା




**ବନ୍ତ/ଆଗରପଡ଼ା,୩୦।୧(ସମିସ):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତରେ ବିଶ୍ୱାସ ଫାଉଣ୍ଡେସନ ଓ ପଲ୍ଲିଶ୍ରୀ ମେଳା କମିଟି ମିଳିତ ଆନୁକୂଲ୍ୟରେ ୭ ଦିନିଆ ଅର୍ଜୁନ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ସ୍ତମ୍ଭକାର ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ଗୌରହରି ମଣ୍ଡଳ, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ମାଧବଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ କୀର୍ତ୍ତିଚନ୍ଦ୍ର ପଲେଇ, ବାସୁଦେବ ଦାସ, ଯୁବ ଉଦ୍ୟୋଗୀ ରାଜେଶ ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସେବାମୂଳକ କାର୍ଯ୍ୟ ପାଇଁ ନୀଳ ସରସ୍ୱତୀ ହେଲ୍ପ ଲାଇନ ଭଦ୍ରକ, ଫ୍ରେଣ୍ଡସ ଗ୍ରୁପ ଭଦ୍ରକ, ଯୁବ ପରିଷଦ ସୋର, ସମ୍ଭବ ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱାସ ଫାଉଣ୍ଡେସନର ସମ୍ପାଦକ ସୁକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଉପଦେଷ୍ଟା ଇଂ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳାକାର ଓ କୁନିପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଂସ୍କୃତି ବିଭାଗ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ ମୋଗଲ ତାମସା ପରିବେଷଣ ହୋଇଥିଲା। ମେଳା କମିଟି ସଭାପତି ବିଜୟ ଜେନା, ସମ୍ପାଦକ ରମେଶ ମଲ୍ଲିକ, ବିଶ୍ୱାସ ଫାଉଣ୍ଡେସନ ସଭାପତି ଜିତେନ୍ଦ୍ର ଜେନା, ଅକ୍ଷୟ ବାରିକ, ବୀରକିଶୋର ବାରିକ, ଅକ୍ଷୟ ଗିରି, ଧନେଶ୍ୱର ପଡିହାରୀ, ଚିନ୍ମୟ ଦାସ, ନୀଳେଶ ବାରିକ, ହରିହର ମଣ୍ଡଳ, ରାଜକିଶୋର ସ୍ୱାଇଁ, ଶରତ ପଲେଇ, ନାରାୟଣ ଦାଶ, ଜଗବନ୍ଧୁ ଦାସ, ସନ୍ତୋଷ ମଲିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସମାଜସେବୀଙ୍କ ବିୟୋଗରେ ଶୋକ



**ବନ୍ତ/ଆଗରପଡ଼ା, ୩୦।୧(ସମିସ):** ଗଣିଜାଙ୍ଗ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମର ସମାଜସେବୀ ସତ୍ୟଭାମା ଘିଆ(୫୦)ଙ୍କ ଅକାଳ ବିୟୋଗରେ ଶୋକସଭା ନିଜ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ନାଏବ ସରପଞ୍ଚ ଅହଲ୍ୟା ଶଙ୍ଖୁଆ, ଖଗେଶ୍ୱର ଘିଆ, ରବୀନ୍ଦ୍ର ଘିଆ, ରବୀନ୍ଦ୍ର ମୋହନ ଘିଆ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷ ଘିଆ, ଗଜେନ୍ଦ୍ର ଘିଆ, ହେମନ୍ତ ଘିଆ, ପ୍ରଶାନ୍ତ ଘିଆ, ପ୍ରଦୀପ ଘିଆ, ରାଜେଶ ଘିଆ, ସିଦ୍ଧାର୍ଥ ଘିଆ, ହେମନ୍ତ ଘିଆ, ମାନସ ଘିଆ, ଭରତ ପେଡା, ଉଦ୍ଧବ ପେଡା, ଉତ୍ତମ ପେଡା, ପ୍ରଶାନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

## ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲ

**ଧାମନଗର, ୩୦।୧(ସମିସ):** ଧାମନଗର ଏନଏସି ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଧାମନଗର ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଶରତଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଧାମନଗର ଏନଏସିର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ମୁଖ୍ୟଅତିଥି, ଆଖଣ୍ଡଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର ମୁଖ୍ୟବକ୍ତା ଏବଂ ଅତିରିକ୍ତ ଅଧ୍ୟକ୍ଷ ବିଜୟ ନାୟକ, ସହକାରୀ ଶିକ୍ଷକ ବିକ୍ରମ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକ ଏବଂ ଶିକ୍ଷକ, ଅଣଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟ

**ବନ୍ତ/ଆଗରପଡ଼ା:** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ଲତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶିଶେଖର କରଶର୍ମା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ସମାଜସେବୀ ବ୍ରହ୍ମାନନ୍ଦ ଘଡ଼ାଇ, ମଧୁସୂଦନ ସେଠୀ, ଗୌରହରୀ ଦାସ, ନାରାୟଣ ପ୍ରଧାନ, ଗୋବିନ୍ଦଚନ୍ଦ୍ର ପଣ୍ଡା, ସତ୍ୟବ୍ରତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରତିମା ଭୂୟାଁ ଅତିଥି ପରିଚୟ ଓ ଶୋଭାରାଣୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ନିବେଦିତା ଘଡ଼ାଇ। ବିଭିନ୍ନ କ୍ରୀଡାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଞ୍ଜୁଶ୍ରୀ ଜେନା, ବିଶ୍ୱନାଥ ନାୟକଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କମିଟି ସଦସ୍ୟ-ସଦସ୍ୟା ସହଯୋଗ କରିଥିଲେ।




## ବାରୁଣୀଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟ

**ଅସୁରାଳି:** ବାରୁଣୀଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ, ପୋଷାକ ବଣ୍ଟନ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ତଥା ଶିକ୍ଷକ ସୁବାସଚନ୍ଦ୍ର ନାୟକ ଓମକାର ଧ୍ୱନି ଉଚ୍ଚାରଣ କରିଥିଲେ। ସଭାପତି ଭାବେ ନିର୍ବାଚିତ ହୋଇଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟାରାମ ବେହେରା। ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ସରକାରୀ ଶିକ୍ଷକ ରବୀନ୍ଦ୍ର ପଣ୍ଡା। ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିହର ସାହୁ। ପରେ ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର କବି(ସିଆରସିସି), ସଞ୍ଜୟ ଜେନା (ସିଆରସିସି), ପୀତବାସ ଜେନା (ଶିକ୍ଷକ), ବିଷ୍ଣୁଚରଣ ବେହେରା (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ), କାଶୀନାଥ ପତି (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ), ଅନାମ ଚରଣ ବେହେରା (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ) ପ୍ରଫୁଲ୍ଲ ମିଶ୍ର (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ) ସହଦେବ ସାହୁ (ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ) ପ୍ରଫୁଲ୍ଲ ଜେନା, ଦୁର୍ଯ୍ୟୋଧନ ବେହେରା, ସୁବାସଚନ୍ଦ୍ର ନାୟକ (ଶିକ୍ଷକ)ଙ୍କ ସହ ମୁଖ୍ୟବକ୍ତା ରଘୁନାଥ ଲେଙ୍କା ମତ ରଖିଥିଲେ। ମୁଖ୍ୟଅତିଥି ବୈଜ୍ଞାନିକ ଡ଼. ପ୍ରମୋଦ ପଣ୍ଡା ଓ ଏବିଇଓ ଡ. ସତ୍ୟସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଧନ୍ୟବାଦ ଦେଇଥିଲେ ସହକାରୀ ଶିକ୍ଷକ ହିମାଂଶୁ ଶେଖର ମିଶ୍ର।

### ଶହୀଦ ଦିବସ ପାଳନ; ମାଲ୍ୟାର୍ପଣ ଓ ନିରବ ପ୍ରାର୍ଥନା

# ଗାନ୍ଧୀବାଦର ପ୍ରାସଂଗିକତା ସାରା ବିଶ୍ୱରେ ରହିଛି





ଭଦ୍ରକ, ୩୦।୧(ସମିସ): ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପବିତ୍ର ତିରୋଧାନରେ ସହିଦ ଦିବସ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ନିରବ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ଗାନ୍ଧୀ ପଡ଼ିଆରେ ଅବସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧୀ ଓଡ଼ିଶା ବାଲାଶ୍ରମ ଓ ଭଦ୍ରକ ସରକାରୀ ଉଚ୍ଚବିଦ୍ୟାଳୟର ଅନ୍ତେବାସୀ, ଗାନ୍ଧୀ ବିଚାର ମଞ୍ଚ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ବରିଷ୍ଠ ନାଗରିକ ମହାସଂଘ, ସର୍ବୋଦୟ ମଣ୍ଡଳ ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ଓ ଭଦ୍ରକ ପୌର ନିର୍ବାହୀ ଅଧିକାରୀ ତାପସ ସାମଲ ପ୍ରମୁଖ ମୁଖ୍ୟ ରାସ୍ତାର ପାର୍ଶ୍ୱସ୍ଥ ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମାଜସେବୀ ଅଜୟ ନାୟକ, ଶାନ୍ତନୁ ରାଉତ, ସୁଧାକର ରାଉତ, ରାଧାରାଣୀ ମହାପାତ୍ର, ଲଲାଟେନ୍ଦୁ ମହାପାତ୍ର, କୈଳାସଚନ୍ଦ୍ର ମହାପାତ୍ର, ଅତିସ ବେହେରା, ଅମର ପାଣିଗ୍ରାହୀ, ଅଶୋକ ଦାସ, ପବନ ଶର୍ମା, ଏସ୍‌ଏନ୍ ଫାରୁକ୍ ପ୍ରମୁଖ ଯୋଗ ଦେଇଥିଲେ।

ପୂର୍ବାହ୍ନ ୧୧ରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ୨ମିନିଟ୍‌ର ନିରବ ପ୍ରାର୍ଥନା କରିଥିଲେ। ଡେପୁଟି କଲେକ୍ଟର କରୁଣାକର ଧିନ୍ଦା, କାର୍ତ୍ତିକନାଥ ମଣ୍ଡଳ, ପ୍ରମିଳା ମଲ୍ଲିକ, ପ୍ରଜ୍ଞା ହୋତା, ଲୋକସଂପର୍କ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଓ ଅନ୍ୟ ସମସ୍ତ ବିଚାରଧାରାର ସାରା ବିଶ୍ୱରେ ସମ୍ମାନ ମିଳିଛି ଏବଂ ଗାନ୍ଧୀବାଦର ପ୍ରାସଂଗିକତା ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

## ମହାତ୍ମାଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ବଳିଦାନ ଦିବସ



ଭଦ୍ରକ, ୩୦।୧ (ସମିସ): ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ବଳିଦାନ ଦିବସ ଅବସରରେ ଏକ ସ୍ମୃତିସଭା ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ଶିକ୍ଷାବିତ ଶାନ୍ତନୁ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥି ଭାବେ କବି ନିରାକାର ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଦୂରଦର୍ଶନ ନିର୍ଦ୍ଦେଶକ ଜୟନ୍ତୀ ରଥ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କୀର୍ତ୍ତନ ବିହାରୀ ଦାଶ ଓ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ଗାନ୍ଧୀ ବାଲାଶ୍ରମ ସମ୍ପାଦକ ଅଶୋକ ଦାସ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଗାନ୍ଧୀ ବାଲାଶ୍ରମର ଅନ୍ତେବାସୀଗଣ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଅଜୟ ନାୟକ, ସ୍ୱାଗତ ଭାଷଣ, ସଭ୍ୟା ସେବା ନିବୃତ ପ୍ରାଧ୍ୟାପିକା ଉତ୍ପଳା ନାୟକ ଅତିଥି ପରିଚୟ ଏବଂ ସମ୍ପାଦକ ସୁଧାକର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁନାମଧନ୍ୟ ପ୍ରଧାନଶିକ୍ଷକ ବାବାଜୀ ଚରଣ ପଣ୍ଡା ଓ ପରିବେଶ ରକ୍ଷକ ଗୟାଧର ବିଶ୍ୱାଳଙ୍କୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୁକ୍ତିକାନ୍ତ ଗୋସ୍ୱାମୀଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସଭାପତି ଶାନ୍ତନୁ କୁମାର ରାଉତଙ୍କ ଓଡ଼ିଆ କବିତା ପୁସ୍ତକ "ଦୁର୍ଲଭ ବସୁଧା' ଲୋକାର୍ପଣ କରାଯାଇଥିଲା। ସୁଶ୍ରୀ ସ୍ନେହଲତା ବେହେରା ଓ ସଂଯୁକ୍ତା ଯାଦବ ମାନପତ୍ର ପଠ କରିଥିଲେ। କୋଷାଧକ୍ଷ କରୁଣାକର ଉପାଧ୍ୟାୟଙ୍କ ସଂଯୋଜନାରେ ହାଇସ୍କୁଲସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳ ୯ଟାରେ ଗାନ୍ଧୀ ପଡ଼ିଆଠାରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ମହାତ୍ମା ଗାନ୍ଧୀଙ୍କ ଆଧାରିତ ଏକ କବିତା ସମ୍ମିଳନୀ ଡାକ୍ତର ଅନିଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଓ କୃତୀ କବିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଜିତ ନାୟକ, ବିଚିତ୍ରାନନ୍ଦ ମହାନ୍ତି, ବିବେକାନନ୍ଦ ମୁଖାର୍ଜୀ, ଆଦିତ୍ୟ ଗୋସ୍ୱାମୀ, ମୁକ୍ତିକାନ୍ତ ମହାପାତ୍ର, ପରମାନନ୍ଦ ସାହୁ, ମନୋରଞ୍ଜନ ଦାସ, ହରମୋହନ କୁଅଁର, ବସୁମିତ୍ରା ସାହୁ, ଅରବିନ୍ଦ ବସନ୍ତରାୟ ସହଯୋଗ କରିଥିଲେ। ସଭ୍ୟ ମଦନମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



ଅସୁରାଳି, ୩୦।୧(ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅନ୍ତର୍ଗତ ଗାନ୍ଧୀ ଘାଟ ଶାସନଠାରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୭୮ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ସାଆଁଳପୁର, ଖଡିମାହାରା ଓ ବେତାଳିଗାଁ ବଜାରରେ ମଧ ଗାନ୍ଧୀମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସକାଳ ୯ ଟାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବାହ୍ନ ୧୧ଟାରେ ଖଡିମାହାରା ଗାନ୍ଧୀମେଳାକୁ ଉଦଘାଟନ କରିଥିଲେ। ଖଡିମାହାରାରେ ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଧାମନଗର ବିଇଓ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ସେବା ନିବୃତ ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡା, ହେମନ୍ତ ସୁତାର, ପ୍ରଧାନ ଶିକ୍ଷକ ରାଧାମୋହନ ପରିଡା, ସିଆରସିସି ସଂଜୟ ଜେନା ଅତିଥି ଭାବେ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଭାରେ ଭଦ୍ରକ ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଂ ବସନ୍ତ ପାଣିଗ୍ରାହୀ, ସ୍ୱାଧୀନତା ସଂଗ୍ରାମୀ ପଞ୍ଚାନନ ପତି, ରାମହରି ଗୋସ୍ୱାମୀ, ସାମାଜିକ କର୍ମୀ ଅଶୋକ ପୁହାଣ, ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଡ. ଅଭୟ ଦାସ ଓ ତୀର୍ଥବାସୀ ଦାସ, ହାଇକୋର୍ଟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଶିକ୍ଷାବିତ ସାଧୁଚରଣ ଷଡଙ୍ଗୀ, ସାମାଜିକ କର୍ମୀ ରାମଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଗାନ୍ଧୀ ସ୍ମୃତି କମିଟି କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ରବୀନ୍ଦ୍ର ବେହୁରିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସମ୍ପାଦକ ଗୋବିନ୍ଦଚନ୍ଦ୍ର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ନିରୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବେତାଳିଗାଁ ବଜାରରେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ତ୍ୟାଗଭୂମୀ ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ ଶିବଚରଣ ଖାମୁରାଇ ମୁଖ୍ୟବକ୍ତା, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ କୈଳାସ ମହାପାତ୍ର, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର, ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ, ପାଳସାହି ସରପଞ୍ଚ ଅଜୟ ମଲିକ, ସମିତିସଭ୍ୟା ରଞ୍ଜୁଲତା ମହାଳିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାବାମଣି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ କିଶୋର ଜେନା ସଭା ସଞ୍ଚାଳନ କରିଥିଲେ।

## ବିଭିନ୍ନ ସ୍ଥାନରେ ଗାନ୍ଧୀଙ୍କ ସ୍ମୃତିଉତ୍ସବ

### ସୁନ୍ଦରପୁର ଦୋହରାପାଟଣା



ଆରଡି, ୩୦।୧(ସମିସ): ଗୁରୁବାର ଜାତିର ପିତା ମହାତ୍ମା ଗାନ୍ଧିଜୀଙ୍କ ୭୮ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସୁନ୍ଦରପୁର ଦୋହରାପାଟଣାରେ ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ଜେନା, ସମିତିସଭ୍ୟ ଶରତଚନ୍ଦ୍ର ବେହୁରିଆ, ଗାନ୍ଧୀ ସ୍ମୃତି କମିଟିର ସଭାପତି ରକ୍ଷାକର ବାରିକ ମଠଡିହ ଓ ପହଣା କ୍ଲଷ୍ଟରର ସିଆରସିସି ଦିଲୀପ ଶେଖର ନାୟକଙ୍କ ଉପସ୍ଥିତିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରି କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବା ସହ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବକ୍ତୃତା ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ଏକ ସଭାରେ ସଭାପତି ଶ୍ରୀ ବାରିକ ସଭାପତିତ୍ୱ କରିଥିଲେ। ଦୋହରାପାଟଣା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ ଦାସ, ସ୍ମୃତି କମିଟର ସମ୍ପାଦକ କୁସଭଦ୍ର ସେଠୀ ପରିଚାଳନା କରିଥିଲେ। ସମ୍ମାନିତଅତିଥି ଭାବେ ଦୀପ୍ତିରଞ୍ଜନ ନାୟକ, ଚନ୍ଦ୍ରକାନ୍ତ ନାୟକ, କୃପାସିନ୍ଧୁ ବେହେରା, ସଦାନନ୍ଦ ମଲିକ, ପ୍ରାଣବନ୍ଧୁ ଓଝା, ପ୍ରଫୁଲ ପାତ୍ର, ଅଶୋକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

### ଧୂଷୁରୀ ମୁରଲୀଧର ହାଇସ୍କୁଲ

ଧାମନଗର: ଧାମନଗର ବ୍ଲକ ଧୂଷୁରୀ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ହୋତାଙ୍କ ତତ୍ତ୍ୱାବଧାନରେ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ସ୍ଥାପିତ



ହୋଇଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, ସୌମ୍ୟା ପ୍ରଧାନ, ସ୍ୱପ୍ନା ପ୍ରିୟଦର୍ଶିନୀ, ତନିସା ନାଥ, ସ୍ମୃତିରେଖା ମାଝୀ, ଅଳକା ମିଶ୍ର, ଶିକ୍ଷକ ଜ୍ୟୋତିରଞ୍ଜନ ମହାପାତ୍ର, ପ୍ରମୋଦ ନାଏକ ପ୍ରମୁଖ।

## ଛାତ୍ର ଦକ୍ଷତା ବିକାଶ ସମ୍ପର୍କିତ କର୍ମଶାଳା




ଦୋବଲ, ୩୦।୧(ସମିସ): ଧାମନଗର ମହାବିଦ୍ୟାଳୟରେ ଚଳିତ ୨୦୨୪-୨୫ ଶିକ୍ଷା ବର୍ଷର ସ୍ନାତକ ତୃତୀୟ ବର୍ଷ ଛାତ୍ରଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ଛାତ୍ର ଦକ୍ଷତା ବିକାଶ ସମ୍ପର୍କିତ କର୍ମଶାଳା' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ବେଜଙ୍କ ସଭାପତିତ୍ୱରେ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ସହକାରୀ ପ୍ରାଧ୍ୟାପକ ସତ୍ୟନାଥ ମହାପାତ୍ର ଓ ଅଧ୍ୟାପକ ସଞ୍ଜୟ ରାଉତ ଯୋଗ ଦେଇଥିଲେ। ସଂଯୋଜକ ଅଧ୍ୟାପକ ସଞ୍ଜୟ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପକ ସନ୍ଦୀପ ଘୋଷ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ବାସ୍ତବିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜ ଛାତ୍ରୀକୁ ଅପହରଣ ଅଭିଯୋଗ

ଦୋବଲ, ୩୦।୧(ସମିସ): ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଜଣେ ଛାତ୍ରୀକୁ ଅପହରଣ କରାଯାଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଥାନା ସୀମା ଚିହ୍ନଟ ସମସ୍ୟା ପାଇଁ ପୁଲିସର ତଦନ୍ତ ଆରମ୍ଭ ହୋଇନାହିଁ। ଉକ୍ତ ଛାତ୍ରୀ ଯାଜପୁର ଜିଲ୍ଲାର ରାମବାଗ କଲେଜକୁ ନିଜର ସାଇକଲ ନେଇ ଯାଉଥିବା ବେଳେ ପୂର୍ବାହ୍ନ ୧୦ଟା ବେଳେ ଆନନ୍ଦପୁର ନିକଟସ୍ଥ ସିଦ୍ଧେଶ୍ୱର ପୋଲ ନିକଟରେ ପାହାଡପୁର ଗ୍ରାମର ଦୟାନିଧି ସାହୁଙ୍କ ପୁଅ ସରୋଜ ଉକ୍ତ ଛାତ୍ରୀକୁ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନାଧିକାରୀ ଘଟଣାର ତଦନ୍ତ ପାଇଁ ଘଟଣାସ୍ଥଳକୁ ତଦନ୍ତ ଟିମ ପଠାଇଥିଲେ। ତେବେ ଅପହରଣସ୍ଥଳଟି ଯାଜପୁର ଜିଲ୍ଲାର ହୋଇଥିବାରୁ ରାମ ବାଗ ଫାଣ୍ଡିରେ ଅଭିଯୋଗ କରିବାକୁ ଧାମନଗର ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଯଶୋଟିକିରି ମହାବୀର କପ୍ କ୍ରିକେଟ: ଫାଇନାଲରେ କଟକ ନିମପୁର




ଭଣ୍ଡାରିପୋଖରୀ/ବାରିକପୁର, ୩୦।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ୨୮ତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ପୁରୀ ମହାବୀର କ୍ଲବ ଓ କଟକ ନିମପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବୀର କ୍ଲବ ଟସ ଜିଣି ଫିଲ୍ଡିଂ କରିଥିଲେ। କଟକ ନିମପୁର ଦଳ ୨୫ ଓଭରରେ ୫ ଉଇକେଟ ହରାଇ ୨୬୩ ରନ ସ୍କୋର କରିଥିଲା। ବ୍ୟାଟ୍ସମ୍ୟାନ ଗିରିଜା ରାଉତ ୯୭, ଅମିନ ଇକବାଲ ୬୦ ଓ ବିକ୍ରମ ସାମଲ ୫୪ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ମହେଶ ପ୍ରଧାନ ୫ ଓଭର ବୋଲିଂ କରି ୬୨ ରନ ବିନିମୟରେ ୨ ଉଇକେଟ ହାସଲ କରିଥିଲେ।

ଜବାବରେ ମହାବୀର ପୁରୀ ଏକାଦଶ ୨୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୦୦ ରନ ହାସଲ କରିପାରିଥିଲା। ବ୍ୟାଟ୍ସମ୍ୟାନ ସନତ ସିଂଦେଓ ୬୬ ଓ ବିଶାଳ ଜେନା ୫୯ ରନ ସ୍କୋର କରିଥିଲେ। ବିପକ୍ଷ ବୋଲର ବୈକୁଣ୍ଠ ତିୱାରୀ ୫ ଓଭର ବୋଲିଂ କରି ୩୫ ରନ ଦେଇ ୪ ଉଇକେଟ ଓ ମହମ୍ମଦ ଡ୍ୟାନିସ ୪.୧ ଓଭର ବୋଲିଂ ୨୮ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ବିଜୟୀ ଦଳର ଖେଳାଳି ଗିରିଜା ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପଞ୍ଚାୟତସମିତି ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଅତିଥି ଭାବେ ପୁରସ୍କାର ପ୍ରଦାନ କରିଥିଲେ। ଦୁର୍ଗା ପଟ୍ଟନାୟକ ଓ ରଞ୍ଜନ ମହାନ୍ତି ଅମ୍ପାୟାର ଓ ସାଗର ରଥ ମ୍ୟାଚ ରେଫରୀ ଥିଲେ। କମର ଖାଁ, ମାନସ ନନ୍ଦ ଓ ସଚିନ ରଥ ସ୍କୋରର ଏବଂ ପ୍ରତ୍ୟୂଷ ସାହୁ, ପ୍ରଶାନ୍ତ ପଟ୍ଟନାୟକ ଓ ଜ୍ଞାନ ଘଡେଇ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମା'ତାରିଣୀଙ୍କ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ



ଧାମନଗର, ୩୦।୧(ସମିସ): ଧାମନଗର ବ୍ଲକ ଚୁଡାକୁଟି ପଞ୍ଚାୟତ ସରେଇ ଚୂଡ଼ାକୁଟି ନବରୀ ଗ୍ରାମରେ ମା'ତାରିଣୀଙ୍କ ୫ମ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିରର ଆବାହକ ଭାଗୀରଥି ଜେନା ଓ ତାଙ୍କ ଧର୍ମପତ୍ନୀ ଗୀତାରାଣୀ ଜେନା ସଂକଳ୍ପ କରିଥିବା ବେଳେ ଗ୍ରାମବାସୀ ଓ ଅନ୍ୟ ଭକ୍ତମାନେ କଳସ ବୁଡାଇ ନିଜ ନିଜର ପରିବାର ମାନସିକ ପୂରଣ ନିମନ୍ତେ ମାଙ୍କୁ ସୁମରଣା କରିଥିଲେ। ଏହାକୁ ବହୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ନେଇ ଶ୍ରୀ ଜେନାଙ୍କ ଜ୍ୟେଷ୍ଠପୁତ୍ର ତଥା ସାମ୍ବାଦିକ କାହ୍ନୁ ଚରଣ ଜେନା, କନିଷ୍ଠ ପୁତ୍ର ଜଗନ୍ନାଥ ଜେନା, ସୁଜିତ ବିଶ୍ୱାଳ, ସତ୍ୟରଞ୍ଜନ ସ୍ୱାଇଁ, ସତ୍ୟଜିତ ରାଉତ, ଚନ୍ଦନ ରାଉତ, ଗୟାଧର ଜେନା, ରତିକାନ୍ତ ଜେନା, ରତ୍ନାକର ପ୍ରଧାନ, ଦଶରଥ ବିଶ୍ୱାଳ ପ୍ରମୁଖଙ୍କ ସମେତ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ କୃପା ଲାଭ କରିଥିଲେ। ସନ୍ଧ୍ୟା ସମୟରେ ହୋମଯଜ୍ଞ ପୂର୍ଣ୍ଣାହୁତିରେ ସାମିଲ ହୋଇ ନିଜ ନିଜର ମାନସିକ ପୂରଣ ନିମନ୍ତେ ଆହୁତି ଦେଇଥିଲେ। ମନ୍ଦିରର ପୂଜକ ଲକ୍ଷ୍ମଣ ପାଣିଙ୍କ ସମେତ ଖ୍ୟାତନାମ ପୁରୋହିତମାନେ ନୀତି ସମ୍ପାଦନ କରିଥିଲେ।

## 'ଏକ ଦେଶ ଏକ ନିର୍ବାଚନ' ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାକୁ ବିପନ୍ନ କରିବ'

ଭଦ୍ରକ, ୩୦।୧(ସମିସ)




ଏକ ଦେଶ ଏକ ନିର୍ବାଚନ ଆମ ଦେଶରେ ସମ୍ଭବ ନୁହେଁ। ନିର୍ବାଚନରେ ସଂସ୍କାରର ଆବଶ୍ୟକ ରହିଛି। ଅର୍ଥବ୍ୟୟ ଆଳରେ ଦେଶର ଗଣତନ୍ତ୍ର ବ୍ୟବସ୍ଥାକୁ ବିପନ୍ନ କରିବା ଏହି ସ୍ଲୋଗାନର ମୁଖ୍ୟ ଉଦ୍ଦେଶ୍ୟ। ଏହାର ଅଢୁଆଳରେ ଏକକାଳୀନ ନିର୍ବାଚନ ନାମରେ ଦେଶର ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାର ସଂଘକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଷଡଯନ୍ତ୍ରକୁ ପ୍ରତିହତ କରିବା ପାଇଁ ଏବେ ଜନସଚେତନତାର ଆବଶ୍ୟକତା ରହିଛି ବୋଲି 'ଏକ ଦେଶ ଏକ ନିର୍ବାଚନ ଆଇନର ଆବଶ୍ୟକତା ଅଛି କି' ? ଶୀର୍ଷକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି।

ଗୁରୁବାର ଅପରାହ୍ନରେ ସଂସ୍କୃତି ଭବନଠାରେ ମହାତ୍ମାଗାନ୍ଧୀଙ୍କ ଶହୀଦ ଦିବସ ପାଳନ ଅବସରରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜିଲ୍ଲା ସଂପାଦକମଣ୍ଡଳୀ ସଭ୍ୟ କମ୍ରେଡ ପ୍ରଫୁଲ୍ଲ ପାଢୀ ଅଧ୍ୟକ୍ଷତା କରିଥିଲେ। ୨୦୨୪ ଡିସେମ୍ବର ୧୭ ତାରିଖରେ ମୋଦି ସରକାରଙ୍କ ପକ୍ଷରୁ ଲୋକସଭା ରେ ଦୁଇଟି ବିଲ୍ ଆଗତ କରାଯାଇଥିଲା। ସଂସଦରେ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତାରୁ କମ୍ ଭୋଟ ମିଳିଥିବାରୁ ବିଲ୍ ଦୁଇଟି ଗୃହୀତ ହୋଇପାରିଲା ନାହିଁ। ଏକକାଳୀନ ନିର୍ବାଚନ କରାଗଲେ ଅର୍ଥନୀତିର ଅଭିବୃଦ୍ଧି ହାର ବଢିବ ଓ ମୁଦ୍ରାସ୍ଫୀତି ନିମ୍ନ ସ୍ତରରେ ରହିବ ବୋଲି ମୋଦୀ ସରକାର ଯେଉଁ ଯୁକ୍ତି ଉପସ୍ଥାପନ

### ଶହୀଦ ଦିବସ ଆଲୋଚନାଚକ୍ରରେ ମତ ପ୍ରକାଶ

କରୁଛନ୍ତି ତାହା ସଂପୂର୍ଣ୍ଣ ଭିତ୍ତିହୀନ ଅଟେ ବୋଲି ବକ୍ତାମାନେ କହିଥିଲେ। ଏହି ଆଲୋଚନା ସଭାରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ) ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ ତଥା ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ ଦାସ, ବରିଷ୍ଠ ସାମ୍ବାଦିକ ରବି ଦାସ, ସିପିଆଇ(ଏମ) ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକମଣ୍ଡଳୀ ସଭ୍ୟ ପ୍ରଭାସ ମହାପାତ୍ର, ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସଂପାଦକମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଆଇନଜୀବୀ ଜୟନୁଲ ଆବେଦିନ, ଓଡିଶା କ୍ଷେତମଜଦୁର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଉପସଭାପତି ମଳୟ ଭୋଇ, ଯୁବନେତା ବିନୋଦ ସାହୁ, ଯୁବନେତା ଉଜ୍ୱଳ ଜେନା, ଯୁବ ନେତା ପ୍ରତାପ ସେଠୀ, ଇଂ କାହ୍ନୁକିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସ୍ତମ୍ଭକାର ସନ୍ତୋଷ ଦାସଙ୍କ ରଚିତ "ଏକ ଦେଶ ଏକ ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ପ୍ରହସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଭଦ୍ରକ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଚାଷୀ, ଭାଗଚାଷୀ, କ୍ଷେତମଜଦୁର, ଛାତ୍ର, ଯୁବ ଓ ମହିଳାମାନେ ଯୋଗ ଦେଇଥିଲେ।

## ଫେବୃଆରୀ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି

**କେନ୍ଦୁଝର,୩୦।୧(ସମିସ):** ଆସନ୍ତା ଫେବୃଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶ ପାଇଛି। ୦୩.୦୨.୨୦୨୫ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ, ୧୦.୦୨.୨୦୨୫ ସୋମବାର ଝୁମ୍ପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ, ୧୭.୦୨.୨୦୨୫ ସୋମବାର ଘଟଗାଁ ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୪.୦୨.୨୦୨୫ ସୋମବାର ତେଲକୋଇ ପଞ୍ଚାୟତସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ, କେନ୍ଦୁଝରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଶାଳ ସିଂହ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ସ୍ଥାନରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଳସମ୍ପଦ, ଯୋଗାଣ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି।

## ମରୁଡ଼ି ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା

**କେନ୍ଦୁଝର,୩୦।୧(ସମିସ):** ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ଗୁରୁବାର ମରୁଡ଼ି ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ଆପାତକାଳୀନ ବିକାଶଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇ ଜିଲ୍ଲା ମରୁଡ଼ି ମନିଟରିଂର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଜିଲ୍ଲାରେ ମରୁଡ଼ି ପରିସ୍ଥିତିର ସମୀକ୍ଷା ଓ ମୂଲ୍ୟାୟନ ଅଞ୍ଚଳଭିତ୍ତିକ ଉପସ୍ଥାପନା ଦ୍ୱାରା ବୈଠକଟି ଆହୁରି ସମୃଦ୍ଧ ହୋଇଥିଲା। ଜିଲ୍ଲାର ପ୍ରତ୍ୟେକ ବିଭାଗ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତିର ସମନ୍ୱୟ ପାଇଁ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରିବା, ପରାମର୍ଶ କର୍ମଶାଳା ସମୟରେ ଆଲୋଚନା ହୋଇଥିବା ରଣନୀତିକୁ ଅନ୍ତର୍ଭୁକ୍ତ କରି ମରୁଡ଼ି ପରିଚାଳନା ଯୋଜନାର ଏକ ଖସଡ଼ା ପ୍ରସ୍ତୁତ କରାଯିବ ନେଇ ସ୍ଥିର ହୋଇଥିଲା। ଆହୁରିମଧ୍ୟ କେନ୍ଦୁଝରରେ ସମ୍ମୁଖୀନ ହେଉଥିବା ନିର୍ଦ୍ଦିଷ୍ଟ ଚ୍ୟାଲେଞ୍ଜଗୁଡ଼ିକୁ ବିଚାରକୁ ନିଆଯାଇ ମରୁଡ଼ି ପ୍ରଭାବକୁ ହ୍ରାସ ଏବଂ ପରିଚାଳନା ପାଇଁ ସ୍ପଷ୍ଟ ପଦକ୍ଷେପଗୁଡ଼ିକର ରୂପରେଖ ଦିଆଯାଇ କାର୍ଯ୍ୟ କରାଯିବା ନେଇ ସ୍ଥିର କରାଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ ଇଜାଜ ଇକବାଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର

**ରାମଚନ୍ଦ୍ରପୁର, ୩୦।୧(ସମିସ):** ଘସିପୁରା ବ୍ଲକ ବାତୋ ପରମାନନ୍ଦପୁରସ୍ଥିତ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରେମଲତା ରାଉତ ଛାତ୍ରୀ ତଥା ମହିଳାମାନେ ନିଜେ ନିଜର ସୁରକ୍ଷା ତଥା ଆତ୍ମରକ୍ଷା କରିବା ନିମିତ୍ତ ଉପାଦେୟ ବାର୍ତ୍ତା ରଖିଥିଲେ। ଉପଦେଷ୍ଟା ଅଧ୍ୟାପିକା ଯଶୋଦା ଟପୋଙ୍କ ତତ୍ତ୍ୱାବଧାନରେ ବାଳିକାଙ୍କୁ ନିଜର ଆତ୍ମରକ୍ଷା ନେଇ ପ୍ରଶିକ୍ଷକ ଲକ୍ଷ୍ମୀପ୍ରିୟା ପତି ତାଲିମ ଦେଇଥିଲେ। ଛାତ୍ରୀମାନେ ନିଜ ଆତ୍ମରକ୍ଷା ନିଜେ କରିପାରିବା ନେଇ ନିଜେ ଶପଥ ନେଇଥିଲେ। ସମସ୍ତ ଅଧ୍ୟାପିକା-ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ସାଇଁକୁଳରେ ସିଙ୍କୁ ସ୍ମାରକୀ କ୍ରିକେଟ



**ରାମଚନ୍ଦ୍ରପୁର, ୩୦ ।୧(ସମିସ):** ଘସିପୁରା ବ୍ଲକ ସାଇଁକୁଳ ହିଙ୍ଗୁଳା କ୍ଲବ ପକ୍ଷରୁ ଦ୍ୱିତୀୟ ବାର୍ଷିକ ସିଙ୍କୁ ମେମୋରିଆଲ ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ, ସମାଜସେବୀ ଗୋପିନାଥ ସ୍ୱାଇଁ, ପତିତପାବନ କଲେଜ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳ, ଶରତ ଜେନା, ଶିକ୍ଷାବିତ୍ ନନ୍ଦକିଶୋର ବେହେରା, ପୂର୍ବତନ ସରପଞ୍ଚ ବିଭାସଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ୧୬ଟି ଦଳକୁ ନେଇ ଟି-୨୦ ଫର୍ମାଟ୍‌ରେ ଏହି ଖେଳର ଉଦଘାଟନୀ ମ୍ୟାଚ ଅମର ଇଲେଭେନ କେନ୍ଦୁଝର ବନାମ ଚିତ୍ରୀ ଇଲେଭେନ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅମ୍ପାୟାର ଭାବେ ପିଣ୍ଟୁ ନାଥ, ହାପି ଜେନା, ପ୍ରକାଶ ରାଉତ ଏବଂ ଧାରା ବିବରଣୀରେ ଅବିନାଶ ପରିଡା ଏବଂ ରସିଦ୍ ରହିଥିଲେ। ହିଙ୍ଗୁଳା କ୍ଲବ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।

# ଆଠ ପଞ୍ଚାୟତର ଚାଷୀ ଜାଗରଣ ସମାବେଶ

## ରେଙ୍ଗାଲି ବାମପାର୍ଶ୍ୱ ସାଇଁକୁଳ ଶାଖା କେନାଲକୁ ନେଇ ଅସନ୍ତୋଷ

ରାମଚନ୍ଦ୍ରପୁର, ୩୦।୧(ସମିସ)



ରେଙ୍ଗାଲି ନଦୀବନ୍ଧ ଯୋଜନାରେ ରେଙ୍ଗାଲି ବାମପାର୍ଶ୍ୱ ସାଇଁକୁଳ (ବରପଦା) ବ୍ରାଞ୍ଚ କେନାଲ ଭାୟା ସୁକିନ୍ଦାରୁ ଘସିପୁରା ଅଞ୍ଚଳରେ ପ୍ରବେଶ କରିଛି। ମଦନପୁର ପଞ୍ଚାୟତ ଅଧୀନ କେତେଟି ଗ୍ରାମରେ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଓ ଏହାର ରୂପରେଖ ସଂପୂର୍ଣ୍ଣ ହୋଇଥିବା ବେଳେ ମଛାଲୋ, ସାଇଁକୁଳ, ପଣ୍ଡୁଆ, ଖଲଣା, ତରୁଆଁ, ବାତୋ ଏବଂ ଶାଳଦେଇ ପଞ୍ଚାୟତ ଅଧୀନ ଚାଷ ଜମି ଅଧିଗ୍ରହଣ ହୋଇ ନଥିବାରୁ ଏହାର ରୂପରେଖ ସଂପୂର୍ଣ୍ଣ ବାଟବଣା ହୋଇଥିବା ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ୮ଟି ପଞ୍ଚାୟତର ଲୋକମାନେ ଏହାକୁ ବିରୋଧ କରିଛନ୍ତି। ସାଇଁକୁଳ ଆଞ୍ଚଳିକ ଉନ୍ନୟନ ପରିଷଦର ଆବାହକ ବ୍ରହ୍ମାନନ୍ଦ ପଟନାୟକଙ୍କ ଆହ୍ୱାନକ୍ରମେ ଦ୍ୱିତୀୟ ଥର ପାଇଁ ସାଇଁକୁଳ ଦୁର୍ଗା ମଣ୍ଡପ ନିକଟରେ ଏକ ଚାଷୀ ଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ସରକାର କାହା ସ୍ୱାର୍ଥରେ ଏ ଅଞ୍ଚଳର ଅନ୍ନଦାତାଙ୍କୁ ଜଳସେଚନ ସୁବିଧାରୁ ବଞ୍ଚିତ କରୁଛନ୍ତି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ସେପଟେ ଆଠ ପଞ୍ଚାୟତବାସୀଙ୍କ ଏଭଳି ମେଳି ସମ୍ପର୍କରେ ବିଭାଗୀୟ ଅଧିକାରୀ ସୁକାନ୍ତ ଶେଖର ଜେନା କିଛି ଜାଣି ନଥିବା କହିଛନ୍ତି। ବିଭାଗୀୟ ଅଧିକାରୀ ଆଠ ପଞ୍ଚାୟତବାସୀଙ୍କୁ ଅଦ୍ୟାବଧି ଅନ୍ଧାରରେ ରଖିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତରୁଆଁ, ଶାଳଦେଇ, ଖଲଣା, ସାଇଁକୁଳ, ପଣ୍ଡୁଆ, ମଛାଲୋ, ବାତୋ, ମଦନପୁର ପ୍ରଭୃତି ପଞ୍ଚାୟତରେ ଅଦ୍ୟାବଧି ଜମି ଅଧିଗ୍ରହଣ ନହେବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି ଅନେକ କହିଛନ୍ତି। ସମାବେଶରେ ସାଇଁକୁଳ ଆଞ୍ଚଳିକ ମଞ୍ଚ ଗଠନ କରାଯାଇ ସଭାପତି ଭାବେ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ସ୍ଥାନୀୟ ଅଗ୍ରଣୀ ଚାଷୀ ଅନନ୍ତ ଚରଣ ସ୍ୱାଇଁ, କୁଳମଣି ପରିଡା, ବ୍ରହ୍ମା ସାମଲ, ତାରିଣୀଶଙ୍କର ପରିଡା, ବିଷ୍ଣୁ ସାମଲ, ସୁଧାଂଶୁ କୁଅଁର, ସୁଶୀଳ ଚକ୍ର, ରମଣୀରଞ୍ଜନ ଚକ୍ର, ଅଶୋକ ଘଡେଇ, ଚକ୍ରଧର ଚକ୍ର, ଅଲେଖ ରାଉ, ଅଶୋକ ଜେନା, ନିତ୍ୟାନନ୍ଦ ପରିଡା, ବିପିନ ମାଝୀ, ଚିନ୍ତାମଣୀ ନାୟକ, ବଲ୍ଲବ ସହୁ, ପ୍ରଫୁଲ୍ଲ ମଲ୍ଲିକ, ଜଳଧର ବାରିକ, ଦିଲ୍ଲୀପ ରାଉତ, କାଳନ୍ଦି ଖୁଣ୍ଟିଆ, ଅଜୟ ବାରିକ, ହରିହର ବୋଇତେଇ, ଆଦିକନ୍ଦ ଘଡେଇ, ଘନଶ୍ୟାମ ମଲ୍ଲିକ, ଉମାକାନ୍ତ ମଲ୍ଲିକ, ବିରସେନ ଜେନା, ପ୍ରଫୁଲ୍ଲ ବେହେରା, ତାପସ ଯେନା ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଚମ୍ପୁଆ, ୩୦।୧(ସମିସ):** ଚମ୍ପୁଆ ସଦର ମହକୁମାସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ପ୍ରଧ୍ୟାପକ ସ୍ୱାଧୀନ ସିଂ, ଅଧ୍ୟାପକ ପ୍ରଶାନ୍ତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ରଶ୍ମିରେଖା ବେହେରା ଓ ଲିପିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚଳିତ ମାସ ୨୧ ତାରିଖରୁ ଆରମ୍ଭ କରାଯାଇଥିବା ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ପ୍ରାୟ ୨୦୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ମାଷ୍ଟର ଟ୍ରେନର ତୁଳସୀ ମୁଣ୍ଡା, ସାଗରିକା ବେହେରା ଏହି ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ବିଭିନ୍ନ କଳା ଶିଖାଇଥିଲେ। ୧୧ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ଆଜି ଅନ୍ତିମ ଦିନରେ ଅନୁଷ୍ଠିତ ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପିକା ରଂଜିତା ମୁଣ୍ଡା, ଦିପ୍ତିମୟୀ ନନ୍ଦ, ପ୍ରିୟଙ୍କା କର ପରିଚାଳନା କରିଥିଲେ।

## ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ
## ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ତୁରୁମୁଙ୍ଗା, ୩୦।୧(ସମିସ):** ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର କଳା ଓ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଅଶ୍ୱତ୍ଥାମା ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଯତୀନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅନିଲ ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗର ଅଧ୍ୟାପିକା ଅପର୍ଣ୍ଣା ବେହେରା ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ନିଗ୍ଧାରାଣୀ ମଲ୍ଲିକ, ଲିଜାରାଣୀ ଦାସ, ମାଧୁରୀ ସେନାପତି, ଅଧ୍ୟାପକ ସତ୍ୟପ୍ରକାଶ ମହାନ୍ତ, ବିକାଶ ନାଏକ, ସୁବ୍ରତ ମହାକୁଡ଼, ଡେମନଷ୍ଟ୍ରେଟର ସୁଧାଂଶୁ ଶେଖର ସାହୁ, ରାଜେନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ଶିକ୍ଷକ ପ୍ରଭଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କଳା ନିକେତନର ସାଂସ୍କୃତିକ କାର୍ଯ୍ୟକ୍ରମ



ଆନନ୍ଦପୁର, ୩୦।୧ (ସମିସ): ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଭଦ୍ରକ ବିଦେଇପୁର କପିଳ ମୁନି ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଗୁରୁ ତଥା ମହୋତ୍ସବର ଆବାହକ ଗୁରୁ ନିତ୍ୟାନନ୍ଦ ଦାଶଙ୍କ ପରିକଳ୍ପନାରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକ "ଝିଅ ଜନମ ପରଘରକୁ' ସାଂସ୍କୃତିକ କାର୍ଯ୍ୟକ୍ରମର ଭିନ୍ନ ମୋଡ଼ ନେଇଥିଲା। ନୃତ୍ୟ ଶିଳ୍ପୀ ବିନୋଦ ଓଝା, ପ୍ରିୟଙ୍କା ସାହୁ, କାଜଳ ରଣା, ଲିଜ଼ାରାଣୀ ସାହୁ, ଦେବହୁତି ପଟ୍ଟନାୟକ, ଅରସ୍ମିତା ତ୍ରିପାଠୀ, ପରିଣତି ଚକ୍ର, କ୍ରିଷ୍ଣା ପ୍ରିୟଦର୍ଶିନୀଙ୍କ ଅଭିନୟରେ ଦର୍ଶକ ବିଭୋର ହୋଇଯାଇଥିଲେ। ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମାଜସେବୀ ଶୁଭେନ୍ଦୁ ବେହେରା ନୃତ୍ୟଶିଳ୍ପୀଙ୍କ ଉତ୍ତରୀୟ ବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଆଦର୍ଶ ବିଦ୍ୟାଳୟ ଅନ୍ତେବାସୀ ଅସୁସ୍ଥ ଘଟଣା
# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ପରିଦର୍ଶନ



**ତେଲକୋଇ, ୩୦।୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସରେ ବାସି ଖାଦ୍ୟଖାଇ ଅନ୍ତେବାସୀ ଅସୁସ୍ଥ ହେବା ଘଟଣା ପରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ତେଲକୋଇ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଅସୁସ୍ଥ ହୋଇଥିବା ଅନ୍ତେବାସୀଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ନିମ୍ନମାନର ଓ ବାସି ଖାଦ୍ୟ ଖାଇଥିବାରୁ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ବସ୍ଥା ବିଗିଡି ଯାଇଥିବା ଅନ୍ତେବାସୀ ଅଭିଯୋଗ କରିଥିଲେ। ଘଟଣା ଦିନ ଉପମା ଓ ଡାଲମା ଦିଆଯିବା ନେଇ ଖାଦ୍ୟସୂଚୀ ରହିଥିବା ବେଳେ ଦାୟିତ୍ୱରେ ଥିବା ୱାର୍ଡେନ ଓ ହଷ୍ଟେଲ କର୍ତ୍ତୃପକ୍ଷ ବାସି ପଖାଳକୁ ନିମ୍ନ ମାନର ମଟର ତରକାରୀ ଖାଇବାକୁ ଦେଇଥିଲେ ଯାହାକୁ ଖାଇ ଅନ୍ତେବାସୀ ଅସୁସ୍ଥ ହୋଇ ପଡ଼ିଥିଲେ। ଶ୍ରୀ ସାହୁ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଗତ ନଭେମ୍ବରରେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ସାହୁ ତେଲକୋଇ ବ୍ଲକକୁ ଗସ୍ତ କରି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସହ ଛାତ୍ରଛାତ୍ରୀଙ୍କ ଖାଦ୍ୟପେୟ ଯାଞ୍ଚ କରିଥିଲେ। ଦୁଇ ମାସ ପରେ ଉକ୍ତ ବିଦ୍ୟାଳୟରେ ନିମ୍ନମାନର ଓ ବାସି ଖାଦ୍ୟ ଘଟଣା ସାମ୍ନାକୁ ଆସିବା ଶ୍ରୀ ସାହୁଙ୍କ ଏଭଳି ଗସ୍ତ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ସମ୍ପନ୍ନ



**କେନ୍ଦୁଝର, ୩୦।୧(ସମିସ):** ଜିଲ୍ଲା ପ୍ରଶାସନ କେନ୍ଦୁଝର ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୁଲ୍ୟରେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଦୁଇଦିନିଆ ନିଯୁକ୍ତି ମେଳା ଉଦ୍‌ଯାପିତ ହୋଇଯାଇଛି। ୫ଟି ବ୍ଲକ ହରିଚନ୍ଦନପୁର, ଘଟଗାଁ, ଆନନ୍ଦପୁର, ଘଷିପୁରା, ହାଟଡିହି ବ୍ଲକର ଆଶାୟୀ ଯୁବକ ଯୁବତୀଙ୍କ ପାଇଁ ଏହି ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଭିନ୍ନ ବେସରକାରୀ ସଂସ୍ଥା ଓ କାର୍ଯ୍ୟକ୍ରମ ପ୍ରଣୟନ ସଂସ୍ଥା ଯୋଗ ଦେଇଥିବା ବେଳେ ୮୭୯ ଜଣ ନିଯୁକ୍ତି ଆଶାୟୀ ପଞ୍ଜୀକରଣ କରିଥିଲେ। ୯୭ ଜଣ ପ୍ରାର୍ଥୀ ପ୍ରାର୍ଥିନୀ ସିଧାସଳଖ ଚୟନ ହୋଇ ନିଯୁକ୍ତିପତ୍ର ପ୍ରାପ୍ତ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ
# ଛାତ୍ରୀମାନେ ଦେଶର ସ୍ୱର୍ଣ୍ଣାଭ ଭବିଷ୍ୟତ

## ରାଇଡିହା ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ




**କେନ୍ଦୁଝର, ୩୦।୧(ସମିସ):** ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାଇଡିହା ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଇଡିହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଧାଂଶୁ ମିଶ୍ର ମୁଖ୍ୟଅତିଥି, ଲେଖକ ମିତ୍ରଭାନୁ ତନ୍ତୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରେନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦେଓ ଛାତ୍ରୀମାନଙ୍କୁ ଦେଶର ସ୍ୱର୍ଣ୍ଣାଭ ଭବିଷ୍ୟତ ଭାବେ ଅଭିହିତ କରି ଗଭୀର ଅଧ୍ୟବସାୟ, ନିଷ୍ଠା ଓ ପ୍ରଚେଷ୍ଟା ଦ୍ୱାରା ସଫଳ ମଣିଷ ହୋଇପାରିବେ ବୋଲି କହିଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଦୀପ୍ତା ବ୍ରହ୍ମ ଛାତ୍ରୀମାନେ କଠିନ ପରିଶ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉପଦେଶ ଦେଇଥିଲେ। ରାଇଡିହା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରାରମ୍ଭରେ ଅତିଥିଙ୍କୁ ଛାତ୍ରୀମାନେ ଆଦିବାସୀ ନୃତ୍ୟ ଓ ଚାଙ୍ଗୁ ବାଦ୍ୟ ସହ ସ୍ୱାଗତ କରିଥିଲେ। ଇଂରାଜୀ ଅଧ୍ୟାପକ ଦୀପ୍ତିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କୁନି ଛାତ୍ରୀମାନଙ୍କ ସ୍ୱହସ୍ତ ଲିଖିତ ବାର୍ଷିକ ପତ୍ରିକା ହସ୍ତାଙ୍କିତା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ମୁକୁନ୍ଦ ଚରଣ ଉଚ୍ଚବିଦ୍ୟାଳୟ



ସୋସୋ: ହାଟଡିହି ବ୍ଲକର ମୁକୁନ୍ଦ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦିପଦା ହାଟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ପ୍ରତାପ ଚରଣ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା ସହସମ୍ପାଦକ ତଥା କଳିଗାଁ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ପଲେଇ, ମୁଖ୍ୟବକ୍ତା ବ୍ଲକ ଓଷ୍ଟା ସମ୍ପାଦକ ଶିଶିର ବିଶ୍ୱାଳ, ସମ୍ମାନିତ ବକ୍ତା ଓରାଳି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ ସିଂହ, ସମ୍ମାନିତ ଅତିଥି ମୋ ସ୍କୁଲ ଅଭିଯାନର ସଭାପତି ଦିଲୀପ ଘୋଷ, ଲୋକନାଥ ନାୟକ, ପ୍ରଦୀପ ସାହୁ ଯୋଗ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାର ଚାମ୍ପିଅନ ପ୍ରିୟବ୍ରତ ଦାସ, ଇତିଶ୍ରୀ ପାଣିଗ୍ରାହୀ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ସାହୁ ଓ ଶୁଭଙ୍କର ଗାହଣଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷକ ନରେନ୍ଦ୍ର ବେହେରା ଓ କ୍ରୀଡ଼ା ଶିକ୍ଷକ ଦେବାଶିଷ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅନିରୁଦ୍ଧ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ପାଣ୍ଡବ ସାହୁ, ମନୋଲିସା ଜେନା, ସୌମ୍ୟାପ୍ରିୟା ସ୍ୱାଇଁ, ଶର୍ମିଷ୍ଠା ମହାନ୍ତି, ଶୁଭସ୍ମିତା ମଲ୍ଲିକ, ଜଗବନ୍ଧୁ ପଲେଇ ସହଯୋଗ କରିଥିଲେ।

## ଆନନ୍ଦପୁର ବାଳିକା ଉଚ୍ଚବିଦ୍ୟାଳୟ




**ଆନନ୍ଦପୁର:** ଆନନ୍ଦପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଡିଓ ମନୋଜ ମହାନ୍ତ, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ପୌରାଧ୍ୟକ୍ଷା ରାଜନୀରାଣୀ ଖଟୁଆ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଆନନ୍ଦପୁର ବ୍ଲକ ହେମେନ୍ଦ୍ରନାଥ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସତ୍ୟବ୍ରତ ରାମ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ପରିଚାଳନା କମିଟିର ସଭାପତି ସତ୍ୟବ୍ରତ ରାମ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ସହ ଶିକ୍ଷୟିତ୍ରୀଙ୍କ ଅଭାବକୁ ନେଇ ପ୍ରତିକ୍ରିୟା ରଖିଥିଲେ। ବହୁ ଛାତ୍ରୀ ଜିଲ୍ଲା ଓ ରାଜ୍ୟରେ ବିଭିନ୍ନ ଉଲ୍ଲେଖନୀୟ କ୍ଷେତ୍ରରେ ପୁରସ୍କୃତ ହୋଇଥିବା ବେଳେ ଉତ୍ସବରେ ବିଦ୍ୟାଳୟର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ଅନିତା ସାହୁ, ତୁଳସୀ ସାହୁ, ପୁଷ୍ପାଞ୍ଜଳି ପତି, ଅନ୍ନପୂର୍ଣ୍ଣା ବେହେରା, ଶିକ୍ଷକ ଚିତ୍ତରଞ୍ଜନ ବେହେରା, ବିଶ୍ୱରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ରେକୁଟିଆ ସରସ୍ୱତୀ ଶିଶୁ ମନ୍ଦିର



ରାମଚନ୍ଦ୍ରପୁର: ଘସିପୁରା ବ୍ଲକ ରେକୁଟିଆ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଳରାମ ସାହୁଙ୍କ ସଂଯୋଜନାରେ ଆୟୋଜିତ ବାର୍ଷିକ ଉତ୍ସବରେ ଶିକ୍ଷାବିତ ବଟକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡାକ୍ତର ନକୁଳଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦିପକୁମାର ଚକ୍ର, ସମ୍ମାନିତ ଅତିଥି ଭାବେ ନିରାକାର ଜେନା, ସମ୍ପାଦକ ଗୋପାଳକୃଷ୍ଣ ଜେନା, ବିଭୂତିଭୂଷଣ ରାଉତ, ନିରଞ୍ଜନ ଚକ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗୁରୁଜୀ ଦିଲୀପ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱତନ୍ତ୍ର ପୁରସ୍କାର ସ୍ୱରୂପ ଶିକ୍ଷକ କୃତିବାସ ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଗୁରୁଜୀ ଓ ଗୁରୁମା ତଥା କର୍ମଚାରୀ ସହଯୋଗ କରିଥିଲେ। ଗୁରୁଜୀ ରଶ୍ମିରଂଜନ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

